## ସଂକ୍ଷେପରେ

### ଜନ ସୁବିଧା କେନ୍ଦ୍ର ଉଦ୍‌ଘାଟିତ



ବୁଗୁଡ଼ା,୨୭।୯(ଡି.ଏନ.ଏ.)- ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ସୌଜନ୍ୟରେ ବୁଗୁଡ଼ା ବ୍ଲକ ମା' ସାଙ୍କୁଲେଇ ପୀଠରେ ନିର୍ମିତ ଜନ ସୁବିଧା କେନ୍ଦ୍ର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏହି କେନ୍ଦ୍ରକୁ ବିଧାୟକ ଶ୍ରୀକାନ୍ତ ସାହୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଉଦ୍‌ଘାଟନ ଉତ୍ସବରେ ଅନ୍ତରପଡ଼ା ସରପଞ୍ଚଙ୍କ ପ୍ରତିନିଧି ସନ୍ତୋଷ କୁମାର ଭୋଳ, ସମିତିସଭ୍ୟଙ୍କ ସହ ଗ୍ରାମବାସୀ ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ। ଏହା ଏକ ପର୍ଯ୍ୟଟନ କ୍ଷେତ୍ର ରୂପେ ମାନ୍ୟତା ପାଇଥିବାରୁ ଜନ ସୁବିଧା କେନ୍ଦ୍ରର ଯାତ୍ରୀମାନେ ପାଇପାରିବେ ବୋଲି ବିଧାୟକ କହିଛନ୍ତି।

### ରାସ୍ତାକଡ଼କୁ ଖସିଲା ମିନି ବସ: ୨୦ରୁ ଊର୍ଦ୍ଧ୍ୱ ଆହତ

ପୋଲସରା,୨୭।୯(ଡି.ଏନ୍.ଏ.): ପୋଲସରା ଥାନା ପାଣ୍ଡିରିପଡ଼ା ପଞ୍ଚାୟତସ୍ଥିତ ହିରାପୁର-ଗୋଛାବାଡ଼ି ମଝି ରାସ୍ତାରେ ଗୁରୁବାର ସନ୍ଧ୍ୟାରେ କନକ ଦୁର୍ଗା ନାମକ ଏକ ମିନିବସ ରାସ୍ତା କଡ଼କୁ ଖସିପଡିଛି। ପୋଲସରାରୁ ଯାତ୍ରୀ ନେଇ ସିଂହାସିନୀ ଫେରିବା ବାଟରେ କୌଣସି କାରଣରୁ ଏହା ରାସ୍ତା କଡକୁ ଖସି ପଡିଥିଲା। ଏଥିରେ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି । ଆହତମାନଙ୍କ ମଧ୍ୟରେ ଚିରିକିପଡ଼ା ଶାସନର ସୁରେନ୍ଦ୍ର ସାହୁ, ପାତାଳାସିଂ ଗ୍ରାମର ବନିତା ପ୍ରଧାନ, ବୋରସିଂ ଗ୍ରାମର ଚନ୍ଦ୍ରମା ଗୌଡ଼, ପାଣ୍ଡିରିପଡ଼ା ଗ୍ରାମର ଆଶାକର୍ମୀ ମମିତା ବିଶୋୟୀ, ପାତାଳାସିଂ ଗ୍ରାମର ବିଷ୍ଣୁପ୍ରିୟା ପ୍ରଧାନ, ପାଣ୍ଡିରିପଡ଼ାର ବନିତା ଗୌଡ଼, କସିପଡ଼ାର କୁନିଲତା ନାୟକ ପ୍ରମୁଖ ୭ ଜଣ ବ୍ୟକ୍ତି ଗୁରୁତର ହୋଇ ପୋଲସରା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। କୁନିଲତା, ବନିତା ଓ ମମିତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଡ଼ାକ୍ତର ସୂଚନା ଦେଇଛନ୍ତି। ଅନ୍ୟ ଆହତମାନେ ପୋଲସରା ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଛନ୍ତି। ଘଟଣାସ୍ଥଳରେ ଥାନାଧିକାରୀ ଜିତେନ୍ଦ୍ର କୁମାର ମଲିକ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଥାନାରେ ନଂ.୧୮/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ସନ୍ତୋଷ କୁମାର ଜେନା ସୂଚନା ଦେଇଛନ୍ତି।

### କେନାଲରେ ବୁଡି ଯୁବକ ମୃତ

ପାତ୍ରପୁର,୨୭।୯(ଡି.ଏନ୍.ଏ.)- ଜରଡା ଥାନା ବାଦପୁର ଗ୍ରାମରେ ଜଣେ ଯୁବକ ଗୁରୁବାର ସନ୍ଧ୍ୟାରେ କେନାଲରେ ବୁଡି ମୃତ୍ୟୁବରଣ କରିଛନ୍ତି। ମୃତକ ଜଣକ ହେଲେ ରାଜୁ ପ୍ରଧାନ(୨୨)। ସନ୍ଧ୍ୟାରେ କେନାଲକୁ ଶୌଚ ପାଇଁ ଯାଇଥିବା ବେଳେ ଗୋଡ ଖସିଯିବାରୁ ବୁଡି ଯାଇଥିବା ଜଣାପଡିଛି।

## ■ଆଇଆର୍‌ଇ ଡ୍ରେଜିଂ କାମ ବନ୍ଦ ପ୍ରସଙ୍ଗ

# ଆଲୋଚନା ପରେ ଧାରଣା ପ୍ରତ୍ୟାହୃତ

ଛତ୍ରପୁର,୨୭।୯(ଡି.ଏନ.ଏ.):

ଭାରତୀୟ ବିରଳ ମୃତ୍ତିକା (ଆଇଆର୍‌ଇ) ପ୍ଲାଣ୍ଟର ଡ୍ରେଜିଂ କାମ ବନ୍ଦ କରି ଆର୍ଯ୍ୟପଲ୍ଲୀ ପଞ୍ଚାୟତବାସୀଙ୍କ ପକ୍ଷରୁ ଚାଲିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ଗୁରୁବାର ପ୍ରତ୍ୟାହୃତ ହୋଇଛି। ବୁଧବାର ସନ୍ଧ୍ୟାରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ତ୍ରିପାକ୍ଷିକ ଆଲୋଚନା ବୈଠକ ହୋଇଥିଲା । ଆର୍ଯ୍ୟପଲ୍ଲୀ ଗ୍ରାମବାସୀ ୧୫ ଦିନ ମଧ୍ୟରେ ବିସ୍ଥାପିତ ହେବାକୁ ଥିବା ସ୍ଥାନ ଚିହ୍ନଟ କରିବେ, ଆଇଆରଇ କର୍ତ୍ତୃପକ୍ଷ ଆସନ୍ତା ୩୦ ତାରିଖ ସୁଦ୍ଧା ସରକାରୀ ଜମିର ନକ୍ସା ଗ୍ରାମ କମିଟିର ସଭାପତି କିମ୍ବା ସମ୍ପାଦକଙ୍କୁ ହସ୍ତାନ୍ତର କରିବେ, ତହସିଲଦାର, ଆଇଆରଇ କର୍ତ୍ତୃପକ୍ଷ ଓ ଗ୍ରାମବାସୀ ମିଳିତ ଭାବେ ସ୍ଥାନ ଚିହ୍ନଟ କରି ଜିଲାପ୍ରଶାସନକୁ ଅବଗତ କରାଇବେ ବୋଲି ବୈଠକରେ ସ୍ଥିର ହୋଇଛି। ଏଥିସହ ୨୦୧୧ ଜନଗଣନା ଅନୁସାରେ ଯଦି କୌଣସି ବ୍ୟକ୍ତିଙ୍କ ନାମ ଅନ୍ତର୍ଭୁକ୍ତ ହୋଇନାହିଁ ହେଲେ ଘର ରହିଛି, ସେମାନେ ନଭେମ୍ବର ୩୦ ସୁଦ୍ଧା ଭୂଅର୍ଜନ ଅଧିକାରୀଙ୍କ ନିକଟରେ ଦରଖାସ୍ତ ଦେବେ, ଓଡିଶା ସରକାର ଆଇଆରଇର ଲିଜ୍ ଅବଧି ୨୦୪୭ ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ ମଧ୍ୟ ଲିଜ୍ ପରିସୀମା ଭିତରେ ରୟତି ଜାଗା କିଣାବିକା, ମ୍ୟୁଟେଶନ ଦ୍ୱାରା ରେର୍କଡ ସଂଶୋଧନ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି । ଆର୍ଯ୍ୟପଲ୍ଲୀ ପଞ୍ଚାୟତବାସୀଙ୍କୁ ନେଇ ଏକ ୨୧ ଜଣିଆ କମିଟି ଗଠନ କରାଯାଇଛି। ଉକ୍ତ କମିଟିର ସଭାପତି ଓ ସମ୍ପାଦକଙ୍କ ପରାମର୍ଶକ୍ରମେ ଆଇଆରଇର ପ୍ରଚଳିତ ନିୟମ ଅନୁସାରେ ନିଯୁକ୍ତି ଦିଆଯିବା ପାଇଁ ଉପସ୍ଥିତ ଗାଁର ପ୍ରତିନିଧି ଅନୁରୋଧ କରିଥିଲେ। ଆଇଆରଇ କମ୍ପାନୀ ଡ୍ରେଜିଂ କାମକୁ ବିରୋଧ କରିଥିବା ୧୨ ଜଣଙ୍କ ନାମରେ କମ୍ପାନୀ ପକ୍ଷରୁ ଦିଆଯାଇଥିବା ଏତଲାକୁ ପ୍ରତ୍ୟାହାର କରିବାକୁ ଗାଁବାସୀଙ୍କ ପ୍ରତିନିଧି ଅନୁରୋଧ କରିଥିଲେ । ଉକ୍ତ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ୭ ଦିନ ମଧ୍ୟରେ ଆଇଆରଇ ପକ୍ଷରୁ ନିଷ୍ପତ୍ତି ନିଆଯିବ। ଆଇଆରଇ ଦ୍ୱାରା ଗ୍ରାମାଞ୍ଚଳର ସିଏସଆର ଅନ୍ତର୍ଭୁକ୍ତ କରାଯାଉଥିବା ପ୍ରକଳ୍ପର ତାଲିକା ଜିଲା ପ୍ରଶାସନକୁ ଜଣାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଉପଜିଲାପାଳ ଦେବବ୍ରତ ସାହୁ, ଭାରପ୍ରାପ୍ତ ତହସିଲଦାର ଶରତ କୁମାର ପାତ୍ର, ଏସଡିପିଓ ରମେଶ ଚନ୍ଦ୍ର ସେଠୀ, ଆଇଆରଇର ଜି.କେ.ନାୟକ ଓ ସୁରେଶ ପାତ୍ର ଏବଂ ଆନ୍ଦୋଳନକାରୀଙ୍କ ପ୍ରତିନିଧି ଉପସ୍ଥିତ ଥିଲେ।

# ଆକ୍ରମଣ ମାମଲାରେ ୨ ଗିରଫ

ବେଗୁନିଆପଡ଼ା,୨୭।୯(ଡି.ଏନ.ଏ.)

ବେଗୁନିଆପଡ଼ା ଫାଣ୍ଡି ଅନ୍ତର୍ଗତ ଏସ.ଛଚିନା ପଞ୍ଚାୟତର ମାଗୁରାଣି ଚାଞ୍ଚରା ଗ୍ରାମରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ମାମଲାରେ ଗୁରୁବାର ୨ଜଣଙ୍କୁ ପୋଲିସ ଗିରଫ କରିଛି। ଗିରଫ ୨ଜଣ ହେଲେ ମାଗୁରାଣି ଚାଞ୍ଚରା ଗ୍ରାମର କେ. ରାଜେନ୍ଦ୍ର ପାତ୍ର ଓ ଡି. କାଳିଆ ପାତ୍ର। ପ୍ରକାଶଥାଉକି, ଚଳିତ ମାସ ୧୬ ତାରିଖରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ଗ୍ରାମର ଡି. ଯୋଗୀ ପାତ୍ରଙ୍କୁ ଏହି ଗ୍ରାମର ୮ ଜଣ ସଂଘବଦ୍ଧ ଆକ୍ରମଣ କରିଥିଲେ। ଯୋଗୀଙ୍କ ସ୍ତ୍ରୀ ଏନେଇ ବେଗୁନିଆପଡ଼ା ଫାଣ୍ଡିରେ ଏତଲା ଦେଇଥିଲେ। କେସ ନଂ.୨୧୧/୧୮ରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ସେମାନଙ୍କ ମଧ୍ୟରୁ ଉକ୍ତ ୨ଜଣଙ୍କୁ ଗିରଫ କରିଥିବା ଫାଣ୍ଡି ଅଧିକାରୀ ପ୍ରଦୀପ୍ତ କୁମାର ଦାସ କହିଛନ୍ତି।

### ଆମ ପୋଲିସ ସମିତି ବୈଠକ

ଗଞ୍ଜାମ,୨୭।୯(ଡି.ଏନ.ଏ.)

ଗଞ୍ଜାମ ବ୍ଲକ ସାନରାମଚନ୍ଦ୍ରପୁର ପଞ୍ଚାୟତ ମଧୁରଗୁଆଁବାତ୍ୟା ଆଶ୍ରୟସ୍ଥଳୀରେ ରମ୍ଭା ଥାନା ପକ୍ଷରୁ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଥାନାଧିକାରୀ କୃଷ୍ଣଚନ୍ଦ୍ର ସେଠୀ ଅଧ୍ୟକ୍ଷତା କରିଥିଲେ। ସରପଞ୍ଚ ପ୍ରଭାତୀ ନାୟକ, ପ୍ରଧାନ ଶିକ୍ଷକ ବିଜୟ କୁମାର ବେହେରା, ଆମ୍ବ ସଭାପତି ଚନ୍ଦ୍ରଶେଖର ନାହାକ ପ୍ରମୁଖ ମଞ୍ଚାସୀନ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।

## ■ ୭ମ ଦିନରେ କଣ୍ଟାପିଢ଼ା ଯାତ୍ରା

# କାଗଜ ନିର୍ମିତ କଳାକୁଞ୍ଜୀରେ ଭିଡ଼



କାଗଜରେ ନିର୍ମିତ କଳାକୁଞ୍ଜ।

ସୋରଡ଼ା,୨୭।୯(ଡି.ଏନ୍.ଏ.):

ସୋରଡ଼ାରେ ଚାଲିଥିବା ମା' କନ୍ଧୁଣୀ ଦେବୀଙ୍କ କଣ୍ଟାପିଢ଼ା ଯାତ୍ରା ଗୁରୁବାର ୭ମ ଦିନରେ ପହଞ୍ଚିଛି। ବିଭିନ୍ନ ହସ୍ତକଳା, ଘରକରଣା ଆଦି ସାମଗ୍ରୀ ନେଇ ଆସିଥିବା ବାହାର ରାଜ୍ୟର ବ୍ୟବସାୟୀମାନେ ରଥପଦାଠାରୁ ଆଡ଼ପ ମଣ୍ଡପ ପର୍ଯ୍ୟନ୍ତ ରାସ୍ତାର ଦୁଇ ପାର୍ଶ୍ୱରେ ଷ୍ଟଲ ଖୋଲି ବ୍ୟବସାୟ ଆରମ୍ଭ କରିଛନ୍ତି। ଅନ୍ୟପଟେ ନୂଆସାହିରେ ଶିଳ୍ପୀ ସତ୍ୟନାରାୟଣ ମହାରଣା କାଗଜରେ ମା' କନ୍ଧୁଣୀଦେବୀଙ୍କ କଳାକୁଞ୍ଜ ନିର୍ମାଣ କରିଛନ୍ତି। ମାତ୍ର ୭୦୦ଗ୍ରାମ କାଗଜରେ ହୋଇଥିବା ଏହି କଳାକୁଞ୍ଜକୁ ଦେଖିବାକୁ ପ୍ରବଳ ଭିଡ଼ ଜମୁଛି। ରଥପଦାଠାରେ ଅସ୍ଥାୟୀ ପୋଲିସ ଫାଣ୍ଡିକୁ ଆସିକା ଏସଡିପିଓ ସୁବାସ ଚନ୍ଦ୍ର ପଣ୍ଡା ଉଦଘାଟନ କରିଛନ୍ତି। ଏହି ଅବସରରେ ଆମ ପୋଲିସ ସମିତି ପକ୍ଷରୁ ଏକ ସଚେତନତା ସଭା ହୋଇଥିଲା। ଏଥିରେ ସମିତିର ପ୍ରମୋଦ ପଟ୍ଟନାୟକ, ଲକ୍ଷ୍ମୀ ପଣ୍ଡା, ତ୍ରିଲୋଚନ ସାହୁ, ସଞ୍ଜୀବ ଅଧିକାରୀ, ବାବୁଲା ଚୌଧୁରୀ ପ୍ରମୁଖ ଯୋଗଦେଇ ଶାନ୍ତିଶୃଙ୍ଖଳାରେ ଯେଭଳି ଯାତ୍ରା ସମାପନ ହୋଇପାରିବ ତାହା ସଚେତନ କରାଇଥିଲେ। ଥାନା ଆଇଆଇସି ପ୍ରଭାତ ସାହୁ , ଏସ୍‌ଆଇ ଅହଲ୍ୟା ମହାରଣା ଓ ଅନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

## ■ ମୁଁ ହିରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମ

# ନିଃସ୍ୱାର୍ଥପର ସେବା କରିବା ପାଇଁ ବିଜୁ ଯୁବବାହିନୀକୁ ଆହ୍ୱାନ

ଭଞ୍ଜନଗର,୨୭।୯(ଡି.ଏନ.ଏ.)

ଭଞ୍ଜନଗର ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ପରିସରରେ ବୁଧବାର ମୁଁ ହିରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରାମ୍ୟ ଉନ୍ନୟନ, ସଂସଦୀୟ ବ୍ୟାପାର ଓ ସରକାରୀ ଉଦ୍ୟୋଗ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱାଧୀନତା ସଂଗ୍ରାମୀ ଦୋହରା ବିଷୋୟୀ, ଚକରା ବିଷୋୟୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ, କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଭିନ୍ନ ଭିନ୍ନ କ୍ଷେତ୍ରରେ ଏ ମାଟିର ଜଣେ ଜଣେ ହିରୋ ଥିଲେ ବୋଲି କହିଥିଲେ। ଏବେବି ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ଅନେକ ଯୁବ ପ୍ରତିଭା ଲୁକ୍କାୟିତ ଭାବେ ରହିଯାଇଛନ୍ତି। ସେମାନଙ୍କୁ ଖୋଜି ବାହାର କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ମୁଁ ହିରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମ। ଗ୍ରାମାଞ୍ଚଳ ବିକାଶରେ ସାମିଲ ହୋଇ ନିସ୍ୱାର୍ଥପର ସେବା କରିବା ପାଇଁ ବିଜୁ ଯୁବ ବାହିନୀର ଯୁବତୀ ଯୁବକଙ୍କୁ ମନ୍ତ୍ରୀ ଆରୁଖ



ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ବିଜୁ ଯୁବ ବାହିନୀର ଜଣେ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଆହ୍ୱାନ ଦେଇଥିଲେ। ଏହି ଅବସରରେ ଭଞ୍ଜନଗର ଅଞ୍ଚଳରେ ଯୁବ ପ୍ରତିଭାମାନେ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ସେଥିମଧ୍ୟରୁ କେତଜଣଙ୍କୁ ଜିଲାସ୍ତରୀୟ ପ୍ରତିଯୋଗୀତାକୁ ଚୟନ କରାଯାଇଥିଲା। ଏଥିସହ ବିଜୁ ଯୁବ ବାହିନୀର କର୍ମକର୍ତ୍ତାଙ୍କୁ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ସଭାରେ ବିଡ଼ିଓ ଅନିଲ ସେଠୀ ଅଧ୍ୟକ୍ଷତା କରିଥିଲେ। ବ୍ଲକ ଉପାଧ୍ୟକ୍ଷ ଜିତେନ୍ଦ୍ର କେଶରୀ ଆରୁଖ, ଡ଼ିଏଫଓ ରାମସାମୀ ପି, ତହସିଲଦାର ଦିନମଣି ନାୟକ, ଏନଏସି ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶୁଳପାଣି ଶତପଥୀ ସଭା ସଂଯୋଜନା କରିଥିଲେ। ଏବିଡ଼ିଓ ଭଜରାମ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପୂର୍ବରୁ ଜଗନ୍ନାଥପ୍ରସାଦରୁ ଆସି ଭଞ୍ଜନଗରରେ ପହଞ୍ଚିଥିବା ମୁଁ ହିରୋ ମୁଁ ଓଡ଼ିଶା ରଥକୁ ବେଲଗୁଣ୍ଠା ରୋଡ଼ଠାରେ ସ୍ୱାଗତ କରାଯାଇଥିଲା। ବ୍ଲକ ଉପାଧ୍ୟକ୍ଷ ଜିତେନ୍ଦ୍ର କେଶରୀ ଆରୁଖ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରାଟି ଭଞ୍ଜନଗର ସହର ପରିକ୍ରମା କରିଥିଲା। ଏହି ସମୟରେ ସରକାରୀ ଓକିଲ ଏମ୍.ତାଜ୍ ଆଦେନୀ, ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ଦିବାକର ନାୟକ, କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜ ଅଧ୍ୟକ୍ଷ ଡ଼.ନୀଳାଞ୍ଚଳ ମୁନି ପ୍ରମୁଖ ଉପସ୍ଥିତ ଥିଲେ। ବିଜୁ ଯୁବ ବାହିନୀର ଜିଲା ସଂଯୋଜକ ସନ୍ତୋଷ କୁମାର ସାହୁ, ପ୍ରକଳ୍ପ ଅଧିକାରୀ ହିମାଂଶୁ ଶେଖର ପାଢ଼ୀ, ଅଜିତ୍ କୁମାର ପଣ୍ଡିତ୍,ପ୍ରେମ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସୁଧିର କୁମାର ଦିଗାଲ, ବ୍ଲକ ସଂଯୋଜକ ପ୍ରଶାନ୍ତ କୁମାର ରାଉତ, ନଗର ସଂଯୋଜକ ସୋମନାଥ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ■ ଶାନ୍ତିନଗରରେ ବିଟ୍ ପୋଷ୍ଟ ସ୍ଥାପନ ଦାବି

# ଏଏସ୍‌ପିଙ୍କୁ ସ୍ମାରକପତ୍ର ପ୍ରଦାନ



ୱାର୍ଡ ବାସିନ୍ଦା ଅତିରିକ୍ତ ଏସପିଙ୍କୁ ଭେଟି ଫେରୁଛନ୍ତି।

ଛତ୍ରପୁର,୨୭।୯(ଡି.ଏନ.ଏ):

ଛତ୍ରପୁର ଏନଏସିର ୧୪ ନଂ. ୱାର୍ଡ ବାସିନ୍ଦା ଗୁରୁବାର ସୁରକ୍ଷା ପାଇଁ ଗଞ୍ଜାମ ଏସ୍‌ପିଙ୍କ ଅନୁପସ୍ଥିତିରେ ଅତିରିକ୍ତ ଏସପି ପ୍ରଦୀପ କୁମାର ମହାପାତ୍ରଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। କିଛିଦିନ ହେଲା ଉକ୍ତ ଅଞ୍ଚଳରେ ଚୋରି ଘଟଣା ବୃଦ୍ଧି ପାଉଛି। ଶାନ୍ତିନଗରର କେତେଜଣଙ୍କ ଘରୁ ଚୋରି ହୋଇଛି । କେତେକ ଅସାମାଜିକ ଲୋକେ ସ୍ଥାନୀୟ ବାସିନ୍ଦାଙ୍କୁ ହଇରାଣ କରୁଥିବା ୱାର୍ଡ ବାସିନ୍ଦା ଅଭିଯୋଗ କରିଛନ୍ତି। ତେଣୁ ଉକ୍ତ ଅସାମାଜିକ ବ୍ୟକ୍ତିଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ ଶାନ୍ତିନଗର ଅଞ୍ଚଳରେ ନୂତନ ବିଟ୍ ପୋଷ୍ଟ ସ୍ଥାପନ କରିବାକୁ ଦାବି ହୋଇଛି । ଶୀତ କୁମାର ରାଉଳ, କେ. ତୁଫାନ, ଇ. ଶିବପ୍ରସାଦ ରାଓ, ପିଙ୍କି ଦାସ, କୃଷ୍ଣଚନ୍ଦ୍ର ସାହୁ, ମିଟୁ ସାହୁ, ପୂର୍ଣ୍ଣଚନ୍ଦ୍ର ନାୟକ, ସୀମାଞ୍ଚଳ ପଣ୍ଡା, ସନ୍ତୋଷିନୀ ଦାସ, ପ୍ରତିମା ତରେଇ, ଉର୍ମିଳା ଗୌଡ, ଜି ଶ୍ୟାମମୂର୍ତ୍ତି ରେଡ୍ଡୀଙ୍କ ସମେତ ସ୍ଥାନୀୟ ବାସିନ୍ଦା ସ୍ମାରକପତ୍ର ଦେବା ବେଳେ ଉପସ୍ଥିତ ଥିଲେ।

# ୩ ଦିନ ପରେ ଗାଁକୁ ଆସିଲା ଦାଦନ ଶ୍ରମିକଙ୍କ ମୃତଦେହ

ଭଞ୍ଜନଗର,୨୭।୯(ଡି.ଏନ.ଏ)

ଭଞ୍ଜନଗର ତହସିଲ ଅନ୍ତର୍ଗତ ନନ୍ଦିନୀପଲ୍ଲୀର ଦାଦନ ଶ୍ରମିକ ଶିବ ନାଇକଙ୍କ କେରଳରେ ମଙ୍ଗଳବାର ୩ ମହଲାରୁ ଖସି ପଡ଼ି ମୃତ୍ୟୁ ଘଟିଥିଲା। ଗୁରୁବାର ଭୋରରେ ତାଙ୍କ ମୃତଦେହ ଗ୍ରାମକୁ ଆସିଛି। ଶୋକାକୁଳ ପରିବେଶରେ ତାଙ୍କର ଅନ୍ତିମ ସତ୍କାର କରାଯାଇଛି। ପ୍ରକାଶ ଯେ ଶିବ କିଛିମାସ ପୂର୍ବେ ଦାଦନ ଶ୍ରମିକ ଭାବେ କାମ କରିବାକୁ କେରଳ ଯାଇଥିଲେ। ସେଠାରେ କାମ କରୁଥିବା ବେଳେ କୋଠାରୁ ଖସିପଡିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ତେଣୁ ବିଳମ୍ବରେ ମୃତଦେହ ବ୍ୟବଚ୍ଛେଦ ହୋଇଥିଲା। ଏହାପରେ ଠିକାଦାରଙ୍କ ସହାୟତାରେ ତାଙ୍କ ମୃତଦେହକୁ ଗ୍ରାମକୁ ଅଣାଯାଇଥିଲା।


CLASSIFIED DISPLAY














### ଅଜଣା ବ୍ୟକ୍ତିଙ୍କ ଗଳିତ ମୃତଦେହ ଠାବ: ହତ୍ୟା ସନ୍ଦେହ

ହିଞ୍ଜିଳିକାଟୁ,୨୭।୯(ଡି.ଏନ୍.ଏ.)- ହିଞ୍ଜିଳି ଥାନା ପୋଚିଲିମା ପଞ୍ଚାୟତ ଘୋଡ଼େଇଶୁଣୀ ପାହାଡ଼ ନିକଟରୁ ଗୁରୁବାର ଜଣେ ଅଚିହ୍ନା ବ୍ୟକ୍ତିଙ୍କ ଗଳିତ ମୃତଦେହ ପୋଲିସ ଠାବ କରିଛି। ତାଙ୍କୁ କେହି ହତ୍ୟାକରି ଲଟାବୁଦାରେ ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି। ମୃତଦେହକୁ ପୋଲିସ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇ ତଦନ୍ତ ଚଳାଇଛି। ପ୍ରକାଶ ଯେ, ଘୋଡ଼େଇଶୁଣୀ ପାହାଡ଼ ନିକଟ ସିଙ୍ଗିପୁର ଗ୍ରାମର ବାପୁନୀ କୁମାର ସାହୁଙ୍କ ଚାଷ ଜମି ଦେଖାଶୁଣା କରୁଥିବା ଜଣେ ବ୍ୟକ୍ତି ବୁଧବାର ରାତିରେ ଜମି ନିକଟକୁ ଯାଇଥିବା ବେଳେ ବୁଦା ନିକଟରେ ଗଳିତ ମୃତଦେହ ପଡ଼ିଥିବା ଦେଖିବାକୁପାଇଥିଲେ। ଏହାଶୁଣିଗୁରୁବାର ସକାଳେ ବାପୁନିଓ ଗାଁର ଅନ୍ୟ କେତେଜଣ ସେଠାକୁ ଯାଇ ମୃତଦେହ ପଡିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଆସିକା ଏସଡ଼ିପିଓ ସୁବାସ ଚନ୍ଦ୍ର ପଣ୍ଡା, ହିଞ୍ଜିଳି ଆଇଆଇସି ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ସେଠାରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ। ମୃତକଙ୍କ ବୟସ ୨୦ରୁ ୩୦ବର୍ଷ ମଧ୍ୟରେ ହେବ ଓ ପ୍ରାୟ ୪ରୁ ୭ ଦିନ ତଳୁ ମୃତଦେହ ପଡିଥିବା ପୋଲିସ ଅନୁମାନ କରୁଛି। ବାପୁନିଙ୍କ ଏତଲା କ୍ରମେ ଏ ନେଇ ଥାନାରେ ନଂ.୧୪/୧୮ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।




## ସଂକ୍ଷେପରେ

### ଜୁଆ ଆଡ୍ଡାରୁ ୪ ଗିରଫ

**ଛତ୍ରପୁର,୨୭।୯ (ଡି.ଏନ.ଏ.):** ଛତ୍ରପୁର ପିଲିବନ୍ଧ ନିକଟରେ ବୁଧବାର ରାତିରେ ଚାଲିଥିବା ଏକ ଜୁଆ ଆଡ୍ଡାରେ ପୋଲିସ ଚଢାଉ କରି ୪ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୪,୭୦୦ ଟଙ୍କା, ୩ଟି ମୋବାଇଲ ଫୋନ ଓ ତାସ୍ ମୁଠା ଜବତ ହୋଇଛି। ଅଭିଯୁକ୍ତମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ କହିଛନ୍ତି।

### ବରିଷ୍ଠ ନାଗରିକ ଦିବସ ପାଳନ ପ୍ରସ୍ତୁତି

**ଛତ୍ରପୁର,୨୭।୯(ଡି.ଏନ.ଏ):** ଅକ୍ଟୋବର ୧ ତାରିଖରେ ପ୍ରଶାସନ ପକ୍ଷରୁ ଗଞ୍ଜାମ ଜିଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ ପାଳନ ହେବ। ବ୍ରହ୍ମପୁରସ୍ଥିତ ଏମକେସିଜି ସମ୍ମିଳନୀ ଗୃହରେ ଉକ୍ତ ଦିନତମାମ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏ ନେଇ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଛତ୍ରପୁରସ୍ଥିତ ଜିଲପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଛି। ପ୍ରତି ବ୍ଲକରୁ ବରିଷ୍ଠ ନାଗରିକ ମାନଙ୍କୁ ପ୍ରଶାସନ ପକ୍ଷରୁ କାର୍ଯ୍ୟକ୍ରମସ୍ଥଳକୁ ନିଆଯିବ। ସେଠାରେ ସ୍ୱାସ୍ଥ୍ୟ ପରୀକ୍ଷା, ମଧୁମେହ ଓ ହୃଦରୋଗ ଉପରେ ବିଶେଷଜ୍ଞ ମାନଙ୍କ ଦ୍ୱାରା ପରାମର୍ଶ, ବିଭିନ୍ନ ଆଇନ୍ ସଚେତନତା, ବରିଷ୍ଠ ନାଗରିକଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ହାସ୍ୟ କବି ସମ୍ମିଳନୀ ଅନୁଷ୍ଠିତ ହେବ। ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ଛତ୍ରପୁର ଉପଜିଲାପାଳ ଦେବବ୍ରତ ସାହୁ, ଡିଆରଡିଏ ପିଡି ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ସାମାଜିକ ସୁରକ୍ଷା ଅଧିକାରୀ ବଳରାମ ସେଠୀ, ଶିକ୍ଷାବିତ୍ କୃପାସିନ୍ଧୁ ପଣ୍ଡାଙ୍କ ସମେତ ବରିଷ୍ଠ ନାଗରିକ ଫୋରମର ସଦସ୍ୟମାନେ ଉପସ୍ଥିତ ଥିଲେ।

### ଖଲ୍ଲିକୋଟ ବିଜେଡିର ୨ ସ୍ଥାନରେ ମହିଳା ସମାବେଶ

ଖଲ୍ଲିକୋଟ,୨୭।୯(ଡି.ଏନ୍.ଏ.)- ଖଲ୍ଲିକୋଟ ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ବୁଧବାର ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଝାଡେଶ୍ୱର ମହାଦେବଙ୍କ ପୀଠରେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ମହିଳା ସମାବେଶରେ ଗଞ୍ଜାମ ଜିଲା ବିଜେଡି ମହିଳା ସଭାନେତ୍ରୀ ସଂଘମିତ୍ରା ଦଳେଇ, ଖଲ୍ଲିକୋଟ ନିର୍ବାଚନମଣ୍ଡଳୀର ବିଜେଡି ଅବଜରଭର ଜଗନ୍ନାଥ ସାବତ, ପୁରୁଷୋତ୍ତମପୁର ବ୍ଲକ ଅଧ୍ୟକ୍ଷ ସୂର୍ଯ୍ୟନାରାୟଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ନବୀନ ସରକାରଙ୍କ ମହିଳାଙ୍କ ପ୍ରତି ରହିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଏଠାରେ ଉପସ୍ଥିତ ଅତିଥିମାନେ କହିଥିଲେ। ସେହିପରି ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ମହେଶ୍ୱରପୁର ଗ୍ରାମ ନିକଟରେ ଥିବା କୃଷ୍ଣେଶ୍ୱର ମହାଦେବଙ୍କ ପୀଠରେ ଖଲ୍ଲିକୋଟ ବ୍ଲକ ଅଧ୍ୟକ୍ଷା ମିନାକ୍ଷୀ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ମହିଳା ସମାବେଶରେ ଏନ୍ଏସି ଅଧ୍ୟକ୍ଷା ସସ୍ମିତା ବେହେରା, ପୂର୍ବତନ ସମିତିସଭ୍ୟା ବୀଣାପାଣି ପାଣିଗ୍ରାହୀ, ଜିଲା ବିଜେଡି ଉପସଭାପତି ଅରୁଣ ପଣ୍ଡା, ସମିତିସଭ୍ୟ ଦଇତାରି ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଦଳୀୟ କନ୍ଦଳ ଯୋଗୁ ଦୁଇଟି ପୃଥକ ପୃଥକ ସ୍ଥାନରେ ମହିଳା ସମାବେଶକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।

### ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିଚାଳନା କମିଟି ବୈଠକ



**ବେଗୁନିଆପଡ଼ା,୨୭।୯(ଡି.ଏନ.ଏ.):** ବେଗୁନିଆପଡ଼ା ବ୍ଲକ ରାଗପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିଚାଳନା କମିଟି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ଉପଜିଲାପାଳ ଦେବବ୍ରତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଡିଓ ପ୍ରଦୀପ କୁମାର ପଣ୍ଡା, ବିଇଓ କମଳାକାନ୍ତ ସାହୁ ଉପସ୍ଥିତ ଥିଲେ। ଦୀର୍ଘଦିନ ହେଲା ଅଧ୍ୟକ୍ଷ ପଦବୀ ଖାଲି ଥିବା, ଟିଜିଟି ମାଥ୍ ଟିଚର, ପିଜିଟି ଇଂଲିଶ ଟିଚର ଓ ମ୍ୟୁଜିକ୍ ଟିଚର ପଦବୀ ଖାଲି ଥିବାରୁ ପାଠପଢ଼ାରେ ବ୍ୟାଘାତ ହେଉଥିବା ଆଲୋଚନା କରାଯାଇ ଉକ୍ତ ପଦବୀ ପୂରଣ ପାଇଁ ପଦକ୍ଷେପ ନେବାକୁ କୁହାଯାଇଥିଲା। ନିର୍ମାଣ ହୋଇଥିବା ହଷ୍ଟେଲ କାମ ଶୀଘ୍ର ସାରି ଆସନ୍ତା ଅକ୍ଟୋବର ପ୍ରଥମ ସପ୍ତାହରେ ଉଦ୍‌ଘାଟନ କରିବା ପାଇଁ ଆର୍‌ଡି ସହକାରୀ ଯନ୍ତ୍ରୀ ରାଜେନ୍ଦ୍ର ପ୍ରଧାନଙ୍କୁ ଉପଜିଲାପାଳ କହିଥିଲେ। ଭାରପ୍ରାପ୍ତ ଅଧ୍ୟକ୍ଷ ରୁଦ୍ର ନାରାୟଣ ରଥ, ସଭ୍ୟ ମହେଶ୍ୱର ବରାଡ଼, ପ୍ରଶାନ୍ତ କୁମାର ସେଠୀ, ଅନ୍ୟାନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅନ୍ୟ ସଭ୍ୟମାନେ ଯୋଗ ଦେଇଥିଲେ।

# ପୋଲିସ ଉପସ୍ଥିତିରେ ଘୋଷଣା ହେଲା ବାହ୍ୟ ମଳମୁକ୍ତ ଅଞ୍ଚଳ

**ପୁରୁଷୋତ୍ତମପୁର,୨୭।୯(ଡି.ଏନ୍.ଏ.)**



ସଭାଗୃହ ବାହାରେ ଉପସ୍ଥିତ ପୋଲିସ କର୍ମଚାରୀ।

- କାର୍ଯ୍ୟକ୍ରମକୁ ସହରବାସୀଙ୍କ ପ୍ରତ୍ୟାଖ୍ୟାନ
- ତେଜୁଛି ଅସନ୍ତୋଷ

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଏନ୍ଏସି ପକ୍ଷରୁ ଗୁରୁବାର ସମସ୍ତ ୱାର୍ଡକୁ ଓଡିଏଫ (ବାହ୍ୟ ମଳମୁକ୍ତ ଅଞ୍ଚଳ) ଘୋଷଣା କରାଯାଇଛି। ମାତ୍ର ଏହି ଘୋଷଣାକୁ ସହରବାସୀ ବିରୋଧ କରୁଥିବାରୁ ଏନ୍ଏସି ପ୍ରଶାସନ ପୋଲିସର କଡା ସୁରକ୍ଷା ବଳୟ ମଧ୍ୟରେ ତରବରିଆ ଭାବେ ଘୋଷଣା ଲାଗି ସଭା କରିଛନ୍ତି। କାର୍ଯ୍ୟକ୍ରମକୁ ପ୍ରତ୍ୟାଖ୍ୟାନ କରି ଜନସାଧାରଣ ଯୋଗ ଦେଇ ନ ଥିଲେ। ଅଙ୍ଗନୱାଡି କର୍ମୀ, ବିଜୁ ଯୁବ ବାହିନୀର କିଛି ସଭ୍ୟ, ଏନ୍ଏସି କର୍ମଚାରୀ, କାଉନସିଲର ଓ କେତେଜଣ ଛାତ୍ରୀଙ୍କୁ ନେଇ ସଭା କରିଥିଲେ ଏନ୍ଏସି କର୍ତ୍ତୃପକ୍ଷ। ଏଥିରେ ଏନ୍ଏସି ନିର୍ବାହୀ ଅଧିକାରୀ ନାଗେଶ୍ୱର ରାଓ ସଭାପତିତ୍ୱ କରିଥିବାବେଳେ ବିଡିଓ ପି. ଅନ୍ୱେଷା ରେଡ୍ଡୀ, ଅତିରିକ୍ତ ତହସିଲଦାର ଶୋଭନ କୁମାର ବେହେରା, ସିଡିପିଓ ସବିତା ଚ୍ୟାଉ ପଟ୍ଟନାୟକ, ବିଇଓ ହରେକୃଷ୍ଣ ପଣ୍ଡା, ଏନ୍ଏସି ଅଧ୍ୟକ୍ଷା ୱାଇ. ରାଣୀକୁମାରୀ, ଉପାଧ୍ୟକ୍ଷ ରାଘବ ପ୍ରସାଦ ପଟ୍ଟନାୟକ ଯୋଗ ଦେଇଥିଲେ।

ପ୍ରକାଶ ଯେ, ସରକାରଙ୍କ ଗାଇଡଲାଇନ ପ୍ରକାରେ ସହରର ବିଭିନ୍ନ ସ୍ଥାନରେ ଗୋଷ୍ଠୀଭିତ୍ତିକ ପାଇଖାନା, ସିଟି ପିଟି, ପ୍ରତ୍ୟେକ ଘରେ ପାଇଖାନା ନିର୍ମାଣ ପାଇଁ ନିର୍ଦ୍ଦେଶ ରହିଛି। ଏନେଇ ସରକାର ଦୀର୍ଘଦିନ ତଳୁ ମଧ୍ୟ ଅନୁଦାନ ପ୍ରଦାନ କରିଛନ୍ତି। ମାତ୍ର ଏଥିପ୍ରତି ଏନ୍ଏସି ପ୍ରଶାସନ ଆଦୌ ଗୁରୁତ୍ୱ ଦେଉନାହାନ୍ତି। ୧୪ଟି ୱାର୍ଡରୁ ଗୋଟିଏ ସ୍ଥାନରେ ମଧ୍ୟ ଗୋଷ୍ଠୀଭିତ୍ତିକ ପାଇଖାନା, ପିଟି ଓ ସିଟି କରାଯାଇନାହିଁ। ବହୁବ୍ୟକ୍ତି ନିଜ ଘରେ ପାଇଖାନା ନିର୍ମାଣ ଲାଗି ଏନ୍ଏସି କର୍ତ୍ତୃପକ୍ଷଙ୍କ ଠାରେ ଆବେଦନ କରିଥିଲେ ସୁଦ୍ଧା ସେମାନଙ୍କୁ କାର୍ଯ୍ୟାଦେଶ ଦିଆଯାଇନାହିଁ। ଫଳରେ ଲୋକେ ଶୌଚ ପାଇଁ ମୁଖ୍ୟରାସ୍ତା କଡକୁ ବ୍ୟବହାର କରୁଛନ୍ତି। ମାତ୍ର ଏନ୍ଏସି ପ୍ରଶାସନ କାଗଜକଲମରେ ଗୋଟିଏ ପରେ ଗୋଟିଏ ୱାର୍ଡକୁ ବାହ୍ୟ ମଳମୁକ୍ତ ଘୋଷଣା କରିଚାଲିଛନ୍ତି। ଏହାକୁ ଲୋକେ ପ୍ରତିବାଦ କରିଥିଲେ। ଏପରିକି ଗତ ଅଗଷ୍ଟ ୩୧ରେ ସ୍ୱାୟତ୍ତ ଶାସନ ଉତ୍ସବ ସମୟରେ ଲୋକେ ହୋହଲ୍ଲା କରିବାରୁ ଅତିଥି ହୋଇ ଆସିଥିବା ଆସିକା ଏମ୍ପି ଓ ଖଲ୍ଲିକୋଟ ବିଧାୟକଙ୍କୁ ହଟହଟା ହେବାକୁ ପଡିଥିଲା। ଏହା ସତ୍ତ୍ୱେ ଏନ୍ଏସି ପ୍ରଶାସନର ବାହ୍ୟ ମଳମୁକ୍ତ ଘୋଷଣା କରିଛନ୍ତି। ଏହାର ପ୍ରତିବାଦରେ ଏନ୍ଏସି ନିର୍ବାହୀ ଅଧିକାରୀ ଏ. ନାଗେଶ୍ୱର ରାଓଙ୍କୁ ଏକ ସ୍ମାରକପତ୍ର ବୁଧବାର ଅଞ୍ଚଳବାସୀ ପ୍ରଦାନ କରିବା ସହ ବିଡିଓ, ତହସିଲଦାରଙ୍କୁ ମଧ୍ୟ ପ୍ରଦାନ କରି ସମସ୍ୟା ସମ୍ପର୍କରେ ଜଣାଇଥିଲେ। ଏହାସହ ଗଞ୍ଜାମ ଜିଲାପାଳ ଓ ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିକଟକୁ ମଧ୍ୟ ଏହାର ନକଲ ପଠାଇଥିଲେ।

### ହେଡକ୍ୱାର୍ଟର ହସ୍ପିଟାଲ ମାନ୍ୟତା ଦାବି

## ଜିଲାପାଳଙ୍କୁ ଭେଟିବ ଛତ୍ରପୁର ନାଗରିକ କମିଟି

**ଛତ୍ରପୁର,୨୭।୯(ଡି.ଏନ.ଏ)**

ଛତ୍ରପୁର ନାଗରିକ କମିଟିର ଏକ ବୈଠକ ସ୍ଥାନୀୟ ପଣ୍ଡିତ ନୀଳକଣ୍ଠ କଲେଜରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟିର ସଭାପତି ଗୋକୁଳ ଚନ୍ଦ୍ର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଛତ୍ରପୁର ଗଞ୍ଜାମ ଜିଲାର ହେଡକ୍ୱାର୍ଟର। ମାତ୍ର ଏଠାରେ ଜିଲା ହେଡକ୍ୱାର୍ଟର ହସ୍ପିଟାଲ ବଦଳରେ ସବଡିଭିଜନାଲ ହସ୍ପିଟାଲ ରହିଛି। ଏହି ହସ୍ପିଟାଲକୁ ଜିଲା ହେଡକ୍ୱାର୍ଟର ହସ୍ପିଟାଲର ମାନ୍ୟତା ଦେବାକୁ ବୈଠକରେ ଦାବି ଉଠିଥିଲା। ହସ୍ପିଟାଲରେ ଡାକ୍ତର, କର୍ମଚାରୀ ପଦବୀ ଖାଲି ପଡିଛି। ସେହିପରି ଛତ୍ରପୁର ବିଜ୍ଞାନ କଲେଜରେ ମଧ୍ୟ ଅଧ୍ୟାପକ ଓ କର୍ମଚାରୀ ପଦବୀ ଖାଲି ରହିଛି। ଏସବୁ ପଦବୀ ପୂରଣ ସହ କଲେଜରେ ପୋଲିସର ବ୍ୟବସ୍ଥା କରିବାକୁ ଦାବି କରାଯାଇଛି। ଅନ୍ୟପକ୍ଷରେ ନୂଆ ବସଷ୍ଟାଣ୍ଡ କାର୍ଯ୍ୟକ୍ଷମ କରିବା ସହ ଦୂରଗାମୀ ବସ ରହଣି ବ୍ୟବସ୍ଥା କରିବା, ସିଟି ବସ୍ ଛତ୍ରପୁର ସହର ଦେଇ ଚଳାଚଳ କରିବାକୁ ଦାବି ହେଉଛି। ଏ ସମ୍ପର୍କରେ ନାଗରିକ କମିଟି ଜିଲାପାଳଙ୍କୁ ଭେଟି ଅବଗତ କରିବା ସହ ଆଲୋଚନା କରିବାକୁ ନିଷ୍ପତ୍ତି ହୋଇଛି। ବୈଠକରେ କମିଟି ସମ୍ପାଦକ ସୁଧୀର ସାହୁ, ରାମଚନ୍ଦ୍ର ବେହେରା, ପ୍ରଦୀପ ପାଢୀ, ଆର. ସି. ପଟ୍ଟନାୟକ, ରାଜେନ୍ଦ୍ର ଦାଶ, ଅରୁଣ ଶତପଥୀ, ପ୍ରଫୁଲ୍ଲ ସେନାପତି, ଅଶୋକ ଚୌଧୁରୀ, ଏ. ରାବଣା ରାଓ, ସୂର୍ଯ୍ୟ ନାରାୟଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲା ପରିଷଦ ଜୋନ୍ କଂଗ୍ରେସ ସଭାପତି ନିଯୁକ୍ତ

**ଭଞ୍ଜନଗର,୨୭।୯(ଡି.ଏନ.ଏ)**

**ଭଞ୍ଜନଗର ନିର୍ବାଚନମଣ୍ଡଳୀ**

ଅଖିଳ ଭାରତ କଂଗ୍ରେସ କମିଟି ସଭାପତି ରାହୁଲ ଗାନ୍ଧୀଙ୍କ ଅନୁମୋଦନକ୍ରମେ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ଭଞ୍ଜନଗର ନିର୍ବାଚନମଣ୍ଡଳୀର ୬ ଜିଲାପରିଷଦ ଜୋନ ସଭାପତିଙ୍କ ନାମ ଘୋଷଣା କରିଛନ୍ତି। ସେମାନେ ହେଲେ ଜଗନ୍ନାଥପ୍ରସାଦ ବ୍ଲକ ଜିଲା ପରିଷଦ ଜୋନ୍ ନଂ.୨୨ର ସୀମାଞ୍ଚଳ ବିଷୋୟୀ, ୨୩ ନଂ. ଜୋନରେ ବିଦ୍ୟାଧର ପ୍ରଧାନ, ୨୪ନଂ.ରେ ମନୋଜ କୁମାର ସାହୁ ଓ ଭଞ୍ଜନଗର ବ୍ଲକ ଜୋନ୍ ନଂ.୫୦ରେ ବିଶିକେଶନ ରାଉତ, ୫୧ନଂ.ର ଅଯୋଧ୍ୟାନାଥ ମହାପାତ୍ର, ୫୨ନଂ.ଜୋନର କଂଗ୍ରେସ ସଭାପତି ଭାବେ ପ୍ରଫୁଲ୍ଲ ଚନ୍ଦ୍ର ପାତ୍ର ନିଯୁକ୍ତ ହୋଇଛନ୍ତି। ନୂତନ ନିଯୁକ୍ତି ଦ୍ୱାରା ନିର୍ବାଚନମଣ୍ଡଳୀରେ କଂଗ୍ରେସ ତୃଣମୂଳସ୍ତରରୁ ମଜବୁତ୍ ହେବ ବୋଲି ପ୍ରଦେଶ କଂଗ୍ରେସ କାର୍ଯ୍ୟକାରୀ କମିଟି ସଦସ୍ୟ ନୃସିଂହ କୁମାର ରଥ ଏକ ବିବୃତିରେ ଜଣାଇଛନ୍ତି।

### ବେଲଗୁଣ୍ଠାରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ

## କାର୍ଯ୍ୟକ୍ରମରୁ ଫେରୁଥିବା ବସ୍ ଦୁର୍ଘଟଣାଗ୍ରସ୍ତ,୩ ମହିଳା ଆହତ

**ଭଞ୍ଜନଗର,୨୭।୯(ଡି.ଏନ.ଏ.)**

ବେଲଗୁଣ୍ଠା ବ୍ଲକ ପଡ଼ିଆରେ ଗୁରୁବାର ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡ଼ିଓ କନଫରେନ୍ସ ଜରିଆରେ ଲୋକଙ୍କ ସହ କଥା ହେବାପରେ ୧୮ ପଞ୍ଚାୟତର ୧୩୯ ପ୍ରକଳ୍ପ ପାଇଁ ୪ କୋଟି ୫୦ ଲକ୍ଷ ଟଙ୍କା ଅନୁମୋଦନ କରିଥିଲେ। ବ୍ଲକ ପଡ଼ିଆରେ ଆୟୋଜିତ ସଭାରେ ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ବ୍ଲକ ବିଜେଡ଼ି ସଭାପତି ପ୍ରଶାନ୍ତ ନାୟକ, ଏସ୍‌ଡ଼ିପିଓ ଉତ୍କଳ କେଶରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱରଣିକା ଗୋଚ୍ଛାୟତ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ସରିବା ପରେ ଲୋକଙ୍କୁ ନେଇ ମାଧବରିଡ଼ା ଫେରୁଥିବା ଏକ ବସ୍ ପାଟୁଲିସାହି ନିକଟରେ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ୩ ମହିଳା ଆହତ ହୋଇଥିଲେ। ସେମାନଙ୍କୁ ପ୍ରଥମେ ଭଞ୍ଜନଗର ଡାକ୍ତରଖାନାକୁ ନିଆଯାଇଥିଲା।୨ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ପ୍ରଶାସନିକ ଅଧିକାରୀ ଏବଂ ଲୋକ ପ୍ରତିନିଧିମାନେ ଡାକ୍ତରଖାନାରେ ପହଞ୍ଚି ଆହତମାନଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ। ବେଲଗୁଣ୍ଠା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।



ଦୁର୍ଘଟଣାଗ୍ରସ୍ତ ବସ୍।

## କୃମିନାଶକ ଔଷଧ ବଣ୍ଟନ

**ଶେରଗଡ,୨୭।୯(ଡି.ଏନ୍.ଏ.)**

ଶେରଗଡସ୍ଥିତ ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିରରେ ବୁଧବାର ଦିନ କୃମିନାଶକ ଔଷଧ ବଣ୍ଟନର ଶୁଭାରମ୍ଭ କରାଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଇଇ କୁଞ୍ଜବିହାରୀ ନାୟକ, ଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳକ ଦିଲ୍ଲିପ କୁମାର ବେହେରା, ପରିଦର୍ଶକ ଗଜେନ୍ଦ୍ର ଭୂୟାଁ, ସ୍ୱାସ୍ଥ୍ୟକର୍ମୀ ଲିଙ୍ଗରାଜ ରେଡ୍ଡୀ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଔଷଧ ଖୁଆଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାମନ୍ଦିରର ସମସ୍ତ ଗୁରୁମା, ଗୁରୁଜୀ ଓ କର୍ମଚାରୀ ଯୋଗ ଦେଇଥିବାବେଳେ ୨୦୦ରୁ ଅଧିକ ଛାତ୍ରୀଛାତ୍ର କୃମି ନାଶକ ଔଷଧ ଖାଇଥିଲେ।

## ଭାଜପା ପକ୍ଷରୁ ସଭା, ଶୋଭାଯାତ୍ରା

**ଦିଗପହଣ୍ଡି,୨୭।୯(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମରେ ମଙ୍ଗଳବାର ଭାଜପା ପକ୍ଷରୁ ସଭା ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଭୀଷ୍ମଗିରି ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘଦିନ ହେଲା ଡ଼ାକ୍ତର ଓ କର୍ମଚାରୀ ପଦବୀ ଖାଲି ପଡ଼ିଥିବା ପ୍ରତିବାଦରେ ଦଳୀୟ କର୍ମୀମାନେ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ସ୍ୱାସ୍ଥ୍ୟକେନ୍ଦ୍ର ନିକଟସ୍ଥ ତୋଟାରେ ଆୟୋଜିତ ସାଙ୍ଗଠନିକ ଆଲୋଚନା ସଭାରେ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ କମିଟି ସଦସ୍ୟ ଇଂ. ଉତ୍ତମ କୁମାର ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମହିଳା ମୋର୍ଚ୍ଚା ଜିଲା ସଭାନେତ୍ରୀ ବନଜା ପଣ୍ଡା, ସନ୍ତୋଷ କୁମାର ସାହୁ, ରଘୁନାଥ ସାମନ୍ତରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ପ୍ରଚାର ପ୍ରସାର ସହ ଗ୍ରାମାଞ୍ଚଳରେ ସାଙ୍ଗଠନିକ ଅଭିବୃଦ୍ଧି ନିମନ୍ତେ ସଭାରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଛେଳିଗଡ଼ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ, ଗ୍ରାମର ସମସ୍ତ ସାହିବସ୍ତିକୁ ପାଇପ ପାଣି, ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ପଡ଼ିଥିବା ଡ଼ାକ୍ତର ଓ କର୍ମଚାରୀ ପଦବୀ ପୂରଣ, କୃଷି, ଜଳସେଚନ ଓ ରାସ୍ତାଘାଟ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଭାଜପା ପକ୍ଷରୁ ଜନ ଆନ୍ଦୋଳନ ନିମନ୍ତେ ସଭାରେ ନିଷ୍ପତ୍ତି ହୋଇଥିଲା। ଶତ୍ରୁଘ୍ନ ମହାନ୍ତି, ଗଜେନ୍ଦ୍ର ଚୌଧୁରୀ, ପୂର୍ଣ୍ଣଚନ୍ଦ୍ର ଗୌଡ଼, ବଳରାମ ପ୍ରଧାନ, ପିଣ୍ଟୁ ପଣ୍ଡା, ଯାଦବ ପ୍ରଧାନ, ସହୃଦୟ ମହାନ୍ତି ପ୍ରମୁଖ ବହୁ ସଂଖ୍ୟକ ଦଳୀୟ କର୍ମକର୍ତ୍ତା ସଭାରେ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ଖୁସି ତାଲିମ ଶିବିର

**ଶେରଗଡ,୨୭।୯(ଡି.ଏନ୍.ଏ.)**

ଶେରଗଡ ବ୍ଲକସ୍ତରୀୟ ଖୁସି ତାଲିମ ଶିବିର ଶେରଗଡ ବ୍ଲକ ଧନନ୍ତରସ୍ଥିତ ନାଥେଶ୍ୱର ଉଚ୍ଚ ବିଦ୍ୟାଳୟରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ତାଲିମ ଶିବିରକୁ ନାଥେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନବୀନ ଚନ୍ଦ୍ର ପାଢୀ ଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମୀନାରାୟଣ କର ଓ ଶୈଳନ୍ଦ୍ରୀ ଦଳେଇ ଯୋଗଦେଇ ସରକାରଙ୍କ ଖୁସି ଯୋଜନା ସଫଳ କରିବା ଦିଗରେ ଶିକ୍ଷୟିତ୍ରୀଙ୍କ ମୁଖ୍ୟ ଭୂମିକା ରହିବା ଜରୁରୀ। ବିଶେଷ କରି ଉଚ୍ଚପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟର ବାଳିକା ମାନଙ୍କ ନିମନ୍ତେ ଏହି ଯୋଜନା। ସରକାରଙ୍କ ତରଫରୁ ନାପକିନ ମାଗଣାରେ ଛାତ୍ରୀ ମାନଙ୍କୁ ଯୋଗାଇ ଦିଆଯିବ। ଏଣୁ ପ୍ରତ୍ୟେକ ବିଦ୍ୟାଳୟର ଶିକ୍ଷୟିତ୍ରୀଙ୍କ ସହଯୋଗରେ ଏହା କାର୍ଯ୍ୟକାରୀ ହେବ। ଉକ୍ତ ଶିବିରରେ ୭୫ ରୁ ଅଧିକ ଶିକ୍ଷୟିତ୍ରୀ ତାଲିମ ନେଇଥିଲେ।

## ପିଲାଙ୍କୁ ଦିଆଗଲା କୃମିନାଶକ ଔଷଧ

**ବାଲିଗୁଡ଼ା,୨୭।୯(ଡି.ଏନ୍.ଏ.)**

ବାଲିଗୁଡ଼ା ଟାଉନର ସମସ୍ତ ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ରରେ ପିଲାଙ୍କୁ କୃମିନାଶକ ଔଷଧ ଦିଆଯାଇଛି। ବାରଖମା ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ହାଇସ୍କୁଲରେ ଛାତ୍ରୀଛାତ୍ରଙ୍କୁ ପ୍ରଥମେ ଔଷଧ ପ୍ରଦାନ ଶୁଭାରମ୍ଭ ହୋଇଥିଲା। ପଣସପଡିସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସିପାଞ୍ଜିରି ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ପିଲାଙ୍କୁ କୃମି ନାଶକ ଔଷଧ ଦିଆଯାଇଥିଲା। ଯେଉଁମାନେ ଔଷଧ ଖାଇବାରୁ ବାଦ୍ ପଡ଼ିଛନ୍ତି ସେମାନେ ଅକ୍ଟୋବର ୩ ତାରିଖରେ ସେବନ କରିପାରିବେ ବୋଲି ଉପଖଣ୍ଡ ଡାକ୍ତରଖାନା ତରଫରୁ କୁହାଯାଇଛି।

## ବାଲ୍ୟବିବାହ ନିରୋଧ ସଚେତନତା କର୍ମଶାଳା

**ଆସିକା,୨୭।୯(ଡି.ଏନ୍.ଏ.)**



କର୍ମଶାଳାରେ ଯୋଗଦେଇଥିବା ଜନସାଧାରଣ।

ଆସିକା ବ୍ଲକ ସଭା ଗୃହରେ ଜିଲା ଶିଶୁ ସୁରକ୍ଷା ସମିତି ପକ୍ଷରୁ ବାଲ୍ୟବିବାହ ରୋକିବା ନେଇ ଏକ ସଚେତନତା କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଆସିକା, ଧରାକୋଟ ଓ ଶେରଗଡ ବ୍ଲକର ବିଭିନ୍ନ କୁଳ ସମାଜର ପ୍ରତିନିଧି ସାମିଲ ଥିଲେ। ୧୮ ବର୍ଷ ବୟସରୁ କମ ବାଳିକାଙ୍କ ବିବାହ ଦଣ୍ଡନୀୟ ଅପରାଧ ହୋଇଥିବାରୁ ଏହି ବିବାହ ରୋକିବା ଦିଗରେ ସମସ୍ତେ ସଚେତନ ହେବା ଲାଗି ଆହ୍ୱାନ ଦିଆଯାଇଥିଲା। ବାଲ୍ୟ ବିବାହରେ ସଂପୃକ୍ତ ବ୍ୟକ୍ତି ଏବଂ ପ୍ରୋତ୍ସାହିତ କରାଯାଉଥିବା ବ୍ୟକ୍ତି ଏବଂ ଏଥିରେ ଅଂଶ ଗ୍ରହଣ କରିଥିବା ସଂସ୍ଥା ବା ଏହାର କର୍ମକର୍ତ୍ତା ମଧ୍ୟ ଏହି ଆଇନର ପରିସରରେ ଆସୁଥିବାରୁ କୁଳ ସମାଜ ପ୍ରତିନିଧିମାନେ ସେମାନଙ୍କ କୁଳ ସଭାରେ ଏହି ଆଇନଗତ ବ୍ୟବସ୍ଥା ସମ୍ପର୍କରେ ସର୍ବସାଧାରଣଙ୍କୁ ଅବଗତ କରାଇବାକୁ କୁହାଯାଇଥିଲା। ଏହାଛଡା କନ୍ୟା ଭ୍ରୂଣ ହତ୍ୟା ଓ ଯୁବତୀ ଚାଲାଣ ଭଳି ବେଆଇନ କାର୍ଯ୍ୟ ରୋକିବାକୁ ବିଭିନ୍ନ କୁଳ ବୈଠକରେ ବିସ୍ତୃତ ଆଲୋଚନା କର ଏଥିଲାଗି ସଂକଳ୍ପବଦ୍ଧ ହେବାକୁ ନିବେଦନ କରାଯାଇଥିଲା। ଆସିକା ବ୍ଲକ ମହିଳା ଓ ଶିଶୁ ବିକାଶ ଅଧିକାରୀ ଭାରତୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାକୁ ବ୍ଲକ ଅଧ୍ୟକ୍ଷ ହରେକୃଷ୍ଣ ମଳିକ ଉଦଘାଟନ କରିଥିଲେ। ବିଡିଓ ଗାୟତ୍ରୀଦତ୍ତ ନାୟକ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ଏବିଇଓ ଜେ. ଅରୁଆ, ଅଜିତ କୁମାର ପଟ୍ଟନାୟକ, ସାଧନ କର୍ମୀ ହରିହର ପାଢୀ, ସୁକାନ୍ତ ପଣ୍ଡା, ଶିଶୁ ସୁରକ୍ଷା ଅଧିକାରୀ ସୁଶାନ୍ତ କୁମାର ସାହୁ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶିବ ପ୍ରସାଦ ରଥ, ଅଙ୍ଗନୱାଡି ସୁପରଭାଇଜର ରାଜେଶ୍ୱରୀ ଦୋରା, ଜ୍ୟୋସ୍ନାରାଣୀ ପାତ୍ର, ଦୀପ୍ତି ଧୋବା, ସାବିତ୍ରୀ ମହାରଣା, ବିଣା ଦିଗଲ, ବାସନ୍ତୀ ଦେବୀ, ମମତା ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ସଚେତନତା ଶିବିରରେ ବ୍ରାହ୍ମଣ, ଗୌଡ, କାଳେଞ୍ଜି, ଓଡିଆ, ଗୋଲା, ସେଠୀ, ମାଳି ଆଦି ବିଭିନ୍ନ କୁଳର ପ୍ରତିନିଧିମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ଭୀମଭୋଇ ଦିବ୍ୟାଙ୍ଗ ସାମର୍ଥ୍ୟ ଶିବିର

**ବୁଗୁଡ଼ା,୨୭।୯(ଡି.ଏନ.ଏ.)**

ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ଭାରତ ନିର୍ମାଣ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ଭୀମଭୋଇ ଦିବ୍ୟାଙ୍ଗ ସାମର୍ଥ୍ୟ ଅଭିଯାନ ଜରିଆରେ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ସହାୟକ ଉପକରଣ ସହ ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ସଞ୍ଜୀବ ରାଜ ସେନାପତି ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ବିଧାୟକ ଶ୍ରୀକାନ୍ତ ସାହୁ ଯୋଗଦେଇ କାର୍ଯ୍ୟମକୁ ଉଦ୍‌ଘାଟନ କରିଥିଲେ। ଦିବ୍ୟାଙ୍ଗଙ୍କୁ ମୁଖ୍ୟସ୍ରୋତରେ ସାମିଲ କରାଯିବାର ଉଦ୍ୟମରେ ସହଯୋଗ କରିବାକୁ ସେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ମାମି ସେନାପତି, ଉପାଧ୍ୟକ୍ଷ ଟୁକୁନା ସ୍ୱାଇଁ, ତହସିଲଦାର ସଂଗ୍ରାମ କେଶରୀ ଜେନା, ଜିଲା ପରିଷଦ ସଭ୍ୟା ଭୁବନେଶ୍ୱର ଖଟାଇ, ସଭ୍ୟ ରେବତୀ ମୋହନ ନାୟକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁପ୍ରିୟା ତ୍ରିପାଠୀ ଉପସ୍ଥିତ ରହି ଦିବ୍ୟାଙ୍ଗମାନଙ୍କ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ଓ ସହାୟକ ଉପକରଣ ପ୍ରଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଶିବିରର ବିଭିନ୍ନ କେନ୍ଦ୍ରରେ ୧୫୨ ଜଣ ହିତାଧିକାରୀଙ୍କ ନାମ ପଞ୍ଜୀକରଣ ହୋଇଥିବା ବେଳେ ଦିବ୍ୟାଙ୍ଗଙ୍କୁ ବିଭିନ୍ନ ସହାୟକ ଉପକରଣ ବଣ୍ଟନ ପାଇଁ ମଧ୍ୟ ଚିହ୍ନଟ ହୋଇଥିଲା। ପରିଚାଳନାରେ ବ୍ଲକର ମୁଖ୍ୟ କିରାଣି ରାମଚନ୍ଦ୍ର ନାୟକ, ବରିଷ୍ଠ କିରାଣି ରମାକାନ୍ତ ପାତ୍ର, ଚିତ୍ତରଞ୍ଜନ ପାଢ଼ୀ, ଜିପିଇଓ କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ସତ୍ତା ହରାଇବ କୃଷ୍ଣସିଂହ ବାଳିକା ଉଚ୍ଚ ବିଦ୍ୟାଳୟ

**ଧରାକୋଟ,୨୭।୯(ଡି.ଏନ୍.ଏ.)**

ଧରାକୋଟ ଗଡର ତତ୍କାଳୀନ ରାଜା ନାରୀ ଶିକ୍ଷାର ପ୍ରସାର ପାଇଁ ୧୯୬୧ ମସିହାରେ ଧରାକୋଟଗଡରେ ପ୍ରତିଷ୍ଠା କରିଥିଲେ ରାଜକବି କୃଷ୍ଣସିଂହଙ୍କ ସ୍ମୃତି ଉଦ୍ଦେଶ୍ୟରେ କୃଷ୍ଣସିଂହ ବାଳିକା ଉଚ୍ଚ ବିଦ୍ୟାଳୟ। ଏବେ ଏହି ବିଦ୍ୟାଳୟ ସତ୍ତା ହରାଇବାକୁ ବସିଛି। ସରକାରୀ ନିଷ୍ପତ୍ତି ପ୍ରକାରେ ଏହା ନିକଟସ୍ଥ ଶ୍ରୀରାଜ ଉଚ୍ଚ ବିଦ୍ୟାଳୟରେ ଆସନ୍ତା ୩୦ ତାରିଖ ସୁଦ୍ଧା ମିଶିବ। ଯାହାକୁ ଅଭିଭାବକ ମାନେ ବିରୋଧ କରିଛନ୍ତି। ସେମାନେ ଦାବି କରିଛନ୍ତି ପ୍ରଶାସନିକ ସ୍ତରରେ ୨ଟି ବିଦ୍ୟାଳୟକୁ ମିଶାଯାଉ, କିନ୍ତୁ ବାଳିକା ବିଦ୍ୟାଳୟରେ ବାଳିକା ଓ ବାଳକ ବିଦ୍ୟାଳୟରେ ବାଳକମାନଙ୍କୁ ଶିକ୍ଷାଦାନ ଦିଆଯାଉ। ଏନେଇ





କୃଷ୍ଣସିଂହ ବାଳିକା ଉଚ୍ଚ ବିଦ୍ୟାଳୟ।

ମଙ୍ଗଳବାର କୃଷ୍ଣସିଂହ ବାଳିକା ଉଚ୍ଚ ବିଦ୍ୟାଳୟରେ ସମସ୍ତ ଅଭିଭାବକ ଏକାଠି ହୋଇଥିଲେ। ସରକାରଙ୍କ ନିୟମ ଅନୁଯାୟୀ ଏକ କିମି ମଧ୍ୟରେ ଥିବା ବିଦ୍ୟାଳୟର ମିଶ୍ରଣ ହେବକୁ ଆସିଥିବା ଚିଠି ସମ୍ପର୍କରେ ଆଲୋଚନା ହୋଇଥିଲା। ଅଭିଭାବକମାନଙ୍କ ଦାବି ଯଦି ସ୍କୁଲ ଦୁଇଟି ମିଶ୍ରଣ ହେବ ତେବେ ବାଳିକା ସ୍କୁଲରେ ବାଳିକା ଓ ବାଳକ ସ୍କୁଲରେ ବାଳକମାନଙ୍କୁ ସମ୍ପୃକ୍ତ ଶିକ୍ଷକମାନଙ୍କ ଦ୍ୱାରା ପଢାଯାଉ। ସ୍କୁଲରେ ସିସିଟିଭି ଲଗାଯାଉ।

ବର୍ତ୍ତମାନ କୃଷ୍ଣସିଂହ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୭୫ ଛାତ୍ରୀ ୫ଟି ଶ୍ରେଣୀରେ ପଢୁଥିବାବେଳେ, ଶ୍ରୀରାଜ ଉଚ୍ଚ ବିଦ୍ୟାଳୟରେ ୧୬୩ ଛାତ୍ର ପଢୁଛନ୍ତି। ବିଇଓ କହିଛନ୍ତି, ଅଲଗା ଅଲଗା ପଢାଇବା ସମ୍ପର୍କରେ ଉଚ୍ଚ ଅଧିକାରୀଙ୍କୁ ଜଣାଇବେ। ଏନେଇ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କହିଛନ୍ତି, ଆମକୁ ନିର୍ଦ୍ଦିଷ୍ଟ ଚିଠି ହୋଇନାହିଁ, ତେଣୁ ଆମେ ଦ୍ୱନ୍ଦ୍ୱରେ ଅଛୁ। ଶ୍ରୀରାଜ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କହିଛନ୍ତି, ଉଭୟ ସ୍କୁଲ ମିଶି ସହଶିକ୍ଷା ଆରମ୍ଭ ହେଲେ ଜଣେ ରେଗୁଲାର ପ୍ରଧାନ ଶିକ୍ଷକ ଦିଆଯାଉ, ଉଭୟ ସ୍କୁଲର ଛାତ୍ରୀଛାତ୍ର ମିଶିଲେ ଗୋଟିଏ କ୍ଲାସରେ ପାଖାପାଖି ୧୦୦ ପିଲା ହୋଇଯାଉଥିବାରୁ ବଡ ଶ୍ରେଣୀଗୃହ ନାହିଁ। ଏପରିକି ୨ଟି ସ୍ଥାନରେ ଶିକ୍ଷାଦାନ ହେଲେ ମଧ୍ୟାହ୍ନଭୋଜନ ଖର୍ଚ୍ଚ ବଢିବା ସହ ଗୋଟିଏ ସ୍ଥାନରେ ହେଲେ ପିଲାଙ୍କର ଦାୟିତ୍ୱ ନେବ କିଏ। ଏବେ ଏହା ଏକ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି।

# କଂଗ୍ରେସର ହାତଛଡ଼ା ହେବାର ପୂରିଛି ୨୯ ବର୍ଷ

ବ୍ରହ୍ମପୁର ଅଫିସ,୨୭।୯

**ବ୍ରହ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀ**
- ଦଳୀୟ ଅନ୍ତଃକନ୍ଦଳ ବିଜେଡି ପ୍ରାର୍ଥୀଙ୍କୁ ସୁହାଇଛି
- ଶଙ୍ଖମୁହାଁ ହୋଇଛନ୍ତି ସବୁ ବିଦ୍ରୋହୀ
- ଚର୍ଚ୍ଚାରେ ଏଥର କଂଗ୍ରେସର ନୂଆ ପ୍ରାର୍ଥୀ

ଗଞ୍ଜାମ ଜିଲା ବ୍ରହ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ଗୁରୁତ୍ୱ ରହିଛି । ସ୍ୱାଧୀନତା ପରବର୍ତ୍ତୀ ହୋଇଥିବା ନିର୍ବାଚନରେ ସ୍ୱର୍ଗତ ବୃନ୍ଦାବନ ନାୟକ, ଅବସରପ୍ରାପ୍ତ ହାଇକୋର୍ଟ ମୁଖ୍ୟ ବିଚାରପତି ସ୍ୱର୍ଗତ ଲିଙ୍ଗରାଜ ପାଣିଗ୍ରାହୀ, ମଞ୍ଜୁରୀ ରାଜା ସ୍ୱର୍ଗତ ଶିଶିର କୁମାର ନରେନ୍ଦ୍ରଦେବ, ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିନାୟକ ଆଚାର୍ଯ୍ୟ, ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ କୃଷ୍ଣ ଚରଣ ପଟ୍ଟନାୟକଙ୍କ ଭଳି ବିଶିଷ୍ଟ ବ୍ୟକ୍ତିମାନେ ନିର୍ବାଚିତ ହୋଇଥିଲେ। ଅତୀତରେ ଏହି ବିଧାନସଭା କ୍ଷେତ୍ରକୁ କଂଗ୍ରେସର ଦୁର୍ଗ କୁହାଯାଉଥିଲା। ତେବେ ଦଳ ଭିତରେ ଅନ୍ତଃକନ୍ଦଳ ଯୋଗୁ ୧୯୯୦ରୁ ୨୦୧୪ ପର୍ଯ୍ୟନ୍ତ ହୋଇଥିବା ୬ ନିର୍ବାଚନରେ ଦଳୀୟ ପ୍ରାର୍ଥୀମାନଙ୍କ ପରାଜୟ ଘଟିଛି । ଦୀର୍ଘ ୨୯ ବର୍ଷ ହେବ ଏହି ଆସନ କଂଗ୍ରେସର ହାତଛଡ଼ା ହୋଇଛି । ୧୯୮୫ ନିର୍ବାଚନରେ ଶେଷ କଂଗ୍ରେସ ବିଧାୟକ ହୋଇଥିଲେ ଶିବ ଶଙ୍କର ସାହାଣୀ । ଆଗାମୀ ସାଧାରଣ ନିର୍ବାଚନ ପାଇଁ ବିଗୁଲ ବାଜିଛି ଓ କଂଗ୍ରେସର ନୂଆ ପ୍ରାର୍ଥୀ ଲଢ଼ିବାର ସ୍ପଷ୍ଟ ହୋଇଛି ।

ସୂଚନାଯୋଗ୍ୟ, ୧୯୯୦ ନିର୍ବାଚନରେ ଏହି ବିଧାନସଭା କ୍ଷେତ୍ରରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାମଚନ୍ଦ୍ର ରଥ କଂଗ୍ରେସରୁ ପ୍ରାର୍ଥୀ ହୋଇଥିଲେ। ସେତେବେଳେ ଦେଶସାରା କଂଗ୍ରେସ ବିରୋଧୀ ହାୱା ଥିଲା । ଜନତା ଦଳ ପ୍ରାର୍ଥୀ ସ୍ୱର୍ଗତ ବିନାୟକ ମହାପାତ୍ର ଜିତିଥିଲେ । ୧୯୯୫ ନିର୍ବାଚନ ପାଇଁ ପ୍ରଥମେ ଚନ୍ଦ୍ରଶେଖର ସାହୁଙ୍କୁ କଂଗ୍ରେସରୁ ଟିକେଟ ଦିଆଯାଇଥିଲା। ନାମାଙ୍କନ ପତ୍ର ଦାଖଲର ଶେଷ ମୁହୂର୍ତ୍ତରେ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ କୁଟୀଳ ରାଜନୀତି ଯୋଗୁ ଅଲେଖ ଚୌଧୁରୀଙ୍କୁ ପ୍ରାର୍ଥୀ କରାଯାଇଥିଲା । ଜନତା ଦଳରୁ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ପ୍ରତିଦ୍ୱନ୍ଦିତା କରୁଥିଲେ । ଚନ୍ଦ୍ରଶେଖର ଓ ତାଙ୍କ ଗୋଷ୍ଠୀ ପ୍ରତିଶୋଧ ପରାୟଣ ହୋଇ ଅଲେଖଙ୍କୁ ପରାସ୍ତ କରିବା ପାଇଁ ଟ୍ରମ୍ପ କାର୍ଡ ଖେଳି ଚ୍ୟାଉ ପଟ୍ଟନାୟକଙ୍କୁ ଭିତିରି ସହଯୋଗ କଲେ, ଫଳରେ ଅଲେଖ ପରାଜୟ ବରଣ କରିଥିଲେ। ଗତ ଏପ୍ରିଲ ୧୦ରେ ଏଠାରେ ଅନୁଷ୍ଠିତ ଜିଲା ବିଜେଡି ସମାବେଶରେ ଚ୍ୟାଉ ପଟ୍ଟନାୟକ ଏହି ବିଷୟ ଓଗାଳିଥିଲେ ।

ପରବର୍ତ୍ତୀ ୨୦୦୦ ନିର୍ବାଚନରେ କଂଗ୍ରେସ ପୁଣି ଚନ୍ଦ୍ରଶେଖରଙ୍କୁ ଉପେକ୍ଷା କରି ବିକ୍ରମ ପଣ୍ଡାଙ୍କୁ ଟିକେଟ ଦେଇଥିଲା । ଏହାର ପ୍ରତିବାଦରେ ଚନ୍ଦ୍ରଶେଖର ସ୍ୱାଧୀନ ପ୍ରାର୍ଥୀ ଭାବେ ନଡ଼ିଆ ଚିହ୍ନରେ ଲଢ଼ିବାରୁ ଚ୍ୟାଉ ପଟ୍ଟନାୟକଙ୍କୁ ସୁହାଇଥିଲା ଓ ବିକ୍ରମଙ୍କ ଶୋଚନୀୟ ପରାଜୟ ଘଟିଲା। ୨୦୦୪ ନିର୍ବାଚନରେ ପୁଣି ବିକ୍ରମଙ୍କୁ କଂଗ୍ରେସ ପ୍ରାର୍ଥୀ କରାଯିବାରୁ ଅଲେଖ ସ୍ୱାଧୀନ ଭାବେ ଉଡ଼ାଜାହାଜ ଚିହ୍ନରେ ପ୍ରତିଦ୍ୱନ୍ଦ୍ୱିତା କଲେ ଓ ୧୫ ହଜାରରୁ ଉର୍ଦ୍ଧ୍ୱ ଭୋଟ ନେବାରୁ ଦ୍ୱିତୀୟ ଥର ପାଇଁ ବିକ୍ରମ ହାରିଲେ ଓ ଚ୍ୟାଉ ପଟ୍ଟନାୟକ ଜିତିଲେ । ୨୦୦୯ ନିର୍ବାଚନରେ ପୁନର୍ବାର ବିକ୍ରମଙ୍କୁ କଂଗ୍ରେସ ଟିକେଟ ଦିଆଗଲା । ଚ୍ୟାଉ ପଟ୍ଟନାୟକ ବିଜେଡିରୁ ଲଢୁଥିଲେ। ଗେଟବଜାରରୁ ଆସିକା ରୋଡ ପର୍ଯ୍ୟନ୍ତ କଂଗ୍ରେସ ଭୋଟ ବିଭାଜନ ହେବାରୁ ତୃତୀୟ ଥର ପାଇଁ ବିକ୍ରମ ପରାସ୍ତ ହୋଇ ଚତୁର୍ଥଥର ଚ୍ୟାଉ ପଟ୍ଟନାୟକ ବିଧାୟକ ହେଲେ । ୨୦୧୪ ନିର୍ବାଚନରେ ପୁଣି ବିକ୍ରମଙ୍କୁ କଂଗ୍ରେସ ପ୍ରାର୍ଥୀ କଲା । ବିଜେଡି ପ୍ରାର୍ଥୀଙ୍କ ସହ ତାଙ୍କର କଡ଼ା ମୁକାବିଲା ହୋଇଥିଲା । ୩ ଥର ହାରିଥିବାରୁ ବିକ୍ରମଙ୍କ ପ୍ରତି ଭୋଟରଙ୍କ ଅନୁକମ୍ପା ସୃଷ୍ଟି ହୋଇଥିଲା । ତଥାପି ଦଳୀୟ କନ୍ଦଳ ଯୋଗୁ ବିକ୍ରମ ୪ର୍ଥ ଥର ପରାଜିତ ହେଲେ ଓ ଚ୍ୟାଉ ପଟ୍ଟନାୟକ ୫ମଥର ବିଧାୟକ ହେବାର ସୁଯୋଗ ପାଇଲେ। ମାତ୍ର ୧୦୦୦ ଭୋଟରେ ବିକ୍ରମ ହାରିଥିଲେ । ଆଗାମୀ ନିର୍ବାଚନ ପାଇଁ କଂଗ୍ରେସ ନୂଆ ପ୍ରାର୍ଥୀ ଦେବାର ସ୍ପଷ୍ଟ ହୋଇଯାଇଛି ।

ଘଟଣାଚକ୍ରରେ ବ୍ରହ୍ମପୁର ରାଜନୀତିରେ ନୂଆ ସମୀକରଣ ହୋଇଛି । ଅତୀତରେ କଂଗ୍ରେସ ବିଦ୍ରୋହୀ ସାଜିଥିବା ଚନ୍ଦ୍ରଶେଖର, ଅଲେଖ, ଶିବ ଶଙ୍କର ସାହାଣୀ ଓ ବାରମ୍ବାର ପରାସ୍ତ ହୋଇଥିବା ବିକ୍ରମ ଓ ଅନ୍ୟମାନେ ଶଙ୍ଖମୁହାଁ ହୋଇ ବିଜେଡିରେ ଯୋଗ ଦେଇଛନ୍ତି। ମହାନଗରର ୪୦ ୱାର୍ଡ ମଧ୍ୟରୁ ୩୫ ୱାର୍ଡକୁ ନେଇ ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀ ଗଠନ ହୋଇଛି। ଅବଶିଷ୍ଟ ୫ ୱାର୍ଡ ଗୋପାଳପୁର ବିଧାନସଭା କ୍ଷେତ୍ର ଅନ୍ତର୍ଭୁକ୍ତ। ଚନ୍ଦ୍ରଶେଖର ୨୦୦୪ ନିର୍ବାଚନରେ ବ୍ରହ୍ମପୁର ଲୋକ ସଭା ଆସନରୁ କଂଗ୍ରେସରୁ ଜିତି କେନ୍ଦ୍ରମନ୍ତ୍ରୀ ହୋଇଥିଲେ। ୨୦୦୯ ଓ ୨୦୧୪ ନିର୍ବାଚନରେ ପରାସ୍ତ ହୋଇଥିଲେ । ଏବେ ସେ ଓ ବିକ୍ରମ ବିଜେଡିରେ ଅଛନ୍ତି। ଉଭୟଙ୍କୁ ବିଜେଡି କିଭଳି ଥଇଥାନ କରିବ ସେନେଇ ରାଜନୈତିକ ମହଲରେ ଚର୍ଚ୍ଚା ଚାଲିଛି ।

## ସଂକ୍ଷେପରେ

### ଏସ୍ଏଚଜିଙ୍କୁ ତାଲିମ



ବ୍ରହ୍ମପୁର ଅଫିସ, ୨୭।୯:ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ଅକ୍ଟୋବର ୨ରୁ ବ୍ରହ୍ମପୁର ସହରରେ ପଲିଥିନ ଓ ପ୍ଲାଷ୍ଟିକ ବନ୍ଦ ହେବ । ଏହାକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ମହାନଗର ନିଗମ(ବିଏମ୍ସି) ଅଞ୍ଚଳର ବିଭିନ୍ନ ୱାର୍ଡରେ ଗଠିତ ହୋଇଥିବା ସ୍ୱୟଂ ସହାୟକ ଗୋଷ୍ଠୀ(ଏସଏଚଜି)ଙ୍କୁ ପଲିଥିନର ବିକଳ୍ପ ଭାବେ ବ୍ୟବହୃତ ପ୍ରଦୂଷଣ ମୁକ୍ତ ବ୍ୟାଗ ତିଆରି ତାଲିମ ଗୁରୁବାରରୁ ଆରମ୍ଭ ହୋଇଛି। ୧୦ଏସଏଚଜିଙ୍କୁ ବିଏମ୍ସି ପକ୍ଷରୁ ତାଲିମ ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବା ବେଳେ ପ୍ରଥମ ଦିନରେ ଦୁଇଟି ଏସଏଚଜିର ୨୦ ମହିଳା ଓ କିନ୍ନରଙ୍କୁ ଏହି ତାଲିମ ପ୍ରଦାନ କରାଯାଇଛି । ଶିଳ୍ପାଞ୍ଚଳସ୍ଥିତ ଏକ ଘରୋଇ ଉଦ୍ୟୋଗ ନିର୍ଦ୍ଦେଶକ ବିଶାଳ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଏମ୍ସି ବସ୍ତିଉନ୍ନୟନ ଅଧିକାରୀ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ରଙ୍କ ସମେତ କମ୍ୟୁନିଟି ଅର୍ଗାନାଇଜର ସ୍ମିତା ଦାଶ, କୁନି ପାତ୍ର, ଜୟଶ୍ରୀ ପାଣିଗ୍ରାହୀ, କବିତା ରାଣୀ ପାତ୍ର ଓ ଗୀତାଞ୍ଜଳି ସାମନ୍ତରାୟ ପ୍ରମୁଖ ସହଯୋଗ କରିଥିଲେ ।

### ପଦ୍ମଶ୍ରୀ ମୋହନ ନାୟକଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

ବ୍ରହ୍ମପୁର ଅଫିସ,୨୭।୯:ବ୍ରହ୍ମପୁର ମହାନଗର ହାଡ଼ିକୁଳ ମହାସଂଘ ପକ୍ଷରୁ ଗୁରୁବାର ପୂର୍ବତନ ମନ୍ତ୍ରୀ ତଥା ପଦ୍ମଶ୍ରୀ ସ୍ୱର୍ଗତ ମୋହନ ନାୟକଙ୍କ ୩୫ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି । ଏହି ଅବସରରେ ପୂର୍ବାହ୍ନରେ ସବ୍‌ରେଜିଷ୍ଟ୍ରାର ଅଫିସ ସ୍ଥିତ ସ୍ୱର୍ଗତ ନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଧାନମେରା ସାହିସ୍ଥିତ ଗାନ୍ଧୀ ମଣ୍ଡପରେ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା । ସଂଘ ସଭାପତି ସୁକାନ୍ତ ମୁଖୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଡ. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବିଡିଏ ଅଧକ୍ଷ ସୁବାସ ମହାରଣା ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ମାଗୁଣି ନାୟକ, ବାନାମ୍ବର ନାୟକ, ଶ୍ୟାମ ସୁନ୍ଦର ନାୟକ, ସୁନିଲ ନାୟକ, ରୋହିତ ନାୟକ, ସୁକାନ୍ତ ଘଡେଇ, ଫାଲଗୁନ ମାଧେଇ, ସରୋଜ ନାୟକ, ରଜେଶ ନାୟକ, ମନୋରଞ୍ଜନ ନିମାଇଁ, ପଦ୍ମଚରଣ ନାୟକ, ଶିବ ସୁନ୍ଦର ରଥ, ପ୍ରଭାକର ନାୟକ, ଜନାର୍ଦ୍ଦନ ଘଡେଇ, ଶଙ୍କର ପୁଣ୍ଡି, ଅନିଲ ନାୟକଙ୍କ ସମେତ ସଂଘର ସମସ୍ତ କର୍ମକର୍ତ୍ତା ଓ ବୁଦ୍ଧିଜୀବୀ ଉପସ୍ଥିତ ରହି ସ୍ୱର୍ଗତ ନାୟକଙ୍କ ସ୍ମୃତି ଚାରଣ କରିଥିଲେ ।

## ପାଚିକା, ସହାୟିକା ସଂଘ ପକ୍ଷରୁ ଆଲୋଚନା ସଭା

ଦିଗପହଣ୍ଡି,୨୭।୯(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ମଦନମୋହନପୁର ଗ୍ରାମରେ ବ୍ଲକସ୍ତରୀୟ ପାଚିକା ଓ ସହାୟିକା ସଂଘ ପକ୍ଷରୁ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ପାଟ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଜୟ କୁମାର ପ୍ରଧାନ ଓ ଶିବରାମ ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ । ପାଚିକା ଓ ସହାୟିକାମାନେ ବହୁବର୍ଷ ହେଲା ନିୟମିତ କାର୍ଯ୍ୟ କରି ଆସୁଥିଲେ ମଧ୍ୟ ସେମାନଙ୍କ ପାରିତୋଷିକ ବଢ଼ାଯାଉନାହିଁ। ବହୁସଂଖ୍ୟକ ପାଚିକା ଓ ସହାୟିକା ସ୍ୱଳ୍ପ ପାରିତୋଷିକରେ ପରିବାର ପରିପୋଷଣ କରୁଛନ୍ତି। ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରଦାମ ବଢ଼ି ଚାଲିଥିବା ବେଳେ ପାଚିକା ଓ ସହାୟିକାମାନଙ୍କ ପାରିତୋଷିକ ସରକାର ବଢ଼ାଇବା ପାଇଁ ଆଲୋଚନା କରାଯାଇଥିଲା। ବ୍ଲକସ୍ତରୀୟ ସାଂଗଠନିକ ଅଭିବୃଦ୍ଧି ନିମନ୍ତେ ଆଲୋଚନା କରାଯାଇଥିଲା। ପାଚିକା ଓ ସହାୟିକାମାନଙ୍କୁ ପ୍ରତ୍ୟେକ ମାସରେ ନିୟମିତ ପାରିତୋଷିକ ପ୍ରଦାନ କରାଯିବା ନିମନ୍ତେ ଆନ୍ଦୋଳନାତ୍ମକ ପନ୍ଥା ହାତକୁ ନିଆଯାଇଥିଲା ।

## ଆବର୍ଜନାସ୍ଥଳ ହଟାଇବାକୁ ଏବିଭିପିର ଦାବିପତ୍ର



ଏବିଭିପି ପକ୍ଷରୁ ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଛାତ୍ରୀଛାତ୍ର ।

ବ୍ରହ୍ମପୁର ଅଫିସ, ୨୭।୯

ବ୍ରହ୍ମପୁର ଫାଷ୍ଟଗେଟସ୍ଥିତ ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟର ରାସ୍ତା ପାର୍ଶ୍ୱରେ ଦୀର୍ଘଦିନରୁ ଡମ୍ପିଂୟାର୍ଡ ହଟାଯିବାକୁ ଦାବି ହୋଇଛି । ଏ ନେଇ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । କିଛି ଦିନ ପୂର୍ବେ ମହାବିଦ୍ୟାଳୟ ଛାତ୍ର ସଂସଦ ପକ୍ଷରୁ ନିଗମ କମିଶନରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । କିନ୍ତୁ ପରିସ୍ଥିତିରେ କୌଣସି ସୁଧାର ଆସି ନ ଥିବାରୁ ଗୁରୁବାର ପୁଣି ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ ଶାଖା ପକ୍ଷରୁ କମିଶନର ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଆବର୍ଜନା ସ୍ଥଳ ଯୋଗୁ ମହାବିଦ୍ୟାଳୟର ଶୈକ୍ଷିକ ବାତାବରଣ ନଷ୍ଟ ହେଉଥିବା ସେମାନେ ଅଭିଯୋଗ କରିଛନ୍ତି। ଏଠାରେ ଦିନକୁ ଦିନ ଆବର୍ଜନା ବୃଦ୍ଧି ପାଉଥିବା ବେଳେ ନିୟମିତ ଭାବେ ଆବର୍ଜନା ସ୍ଥଳ ସଫେଇ କରାଯାଉ ନାହିଁ । ଏଠାରେ ସ୍ଥାନୀୟ ଲୋକେ ମୃତ ପଶୁପକ୍ଷୀଙ୍କ ଶବ ପକାଇବା ଫଳରେ ମହାବିଦ୍ୟାଳୟର ପରିବେଶ ପ୍ରଦୂଷିତ ହେଉଛି । ଏହାକୁ ତୁରନ୍ତ ମହାବିଦ୍ୟାଳୟ ପରିସରରୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବା ଉପରେ ପଦକ୍ଷେପ ନିଆଯିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ଡି. ଭେଙ୍କେଟେଶ ଆଚାରୀ, ସନ୍ଦୀପ ଶତ୍ରୁଶଲ୍ୟ, ସୁଦୀପ୍ତା ପଟ୍ଟନାୟକ, ବିଦ୍ୟାଧର ସାହୁ, ଦେବାଶିଷ ମିଶ୍ର, ଇତିଶ୍ରୀ ସାହୁ, ବର୍ଷାରାଣୀ ପଣ୍ଡା, ଆଶା ନାୟକ, ଶୁଭମ ପାଣିଗ୍ରାହୀ, ମହାପ୍ରସାଦ ଜେନା ଓ ସୁମିତ ସାହୁ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

## ଆକ୍ରମଣ ଉଦ୍ୟମ ଅଭିଯୋଗ, ୪ ଗିରଫ

**୩ ଖଣ୍ଡା, ୨ ବୋମା ଜବତ**

ବ୍ରହ୍ମପୁର ଅଫିସ୍,୨୭।୯

ଜଣେ ଯୁବକଙ୍କୁ ଆକ୍ରମଣ ଉଦ୍ୟମ ଅଭିଯୋଗରେ ବଡବଜାର ପୋଲିସ ୪ ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ନିକଟରୁ ୩ ଖଣ୍ଡା ଏବଂ ଦୁଇଟି ଅଫୁଟା ବୋମା ଜବତ କରାଯାଇଛି। ଗିରଫମାନେ ହେଲେ ବ୍ରହ୍ମପୁର ବଡବଜାର ଥାନା ପଞ୍ଚୁଦେଉଳ ସାହିର କାହ୍ନୁ ପଣ୍ଡା,ରାମେଶ୍ୱର ପଣ୍ଡା, ଏ.ପରମେଶ୍ୱରଆଚାରୀଏବଂଜଗାହାତୀ। ପ୍ରକାଶଯେ, ଗିରଫ ଅଭିଯୁକ୍ତମାନେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ସେହି ସାହିର ଗଣେଶ ବେହେରାଙ୍କ ଘର ପାଖକୁ ଯାଇ ଆକ୍ରମଣ ଉଦ୍ଦେଶ୍ୟରେ ହୋହଲ୍ଲା କରିବା ସହ ଗୋଟିଏ ବୋମା ଫିଙ୍ଗିଥିଲେ, କିନ୍ତୁ ତାହା ଫୁଟି ନ ଥିଲା । ଗଣେଶ ସଙ୍ଗେ ସଙ୍ଗେ ବଡବଜାର ପୋଲିସକୁ ଖବରଦେବା ସହିତ କୌଶଳ କ୍ରମେ ସେଠାରୁ ଖସି ଆସି ଥାନାରେ ଏତଲା ଦେଇଥିଲେ । ଏତଲାକୁ ଭିତ୍ତି କରି ନଂ. ୧୫୮/୧୮ରେ ଏକ ମାମଲା ରୁଜୁକରି ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ନିକଟରୁ ବୋମା ଓ ମାରଣାସ୍ତ୍ର ପୋଲିସ ଜବତ କରିଛି । ସମସ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗ ହାଜତକୁ ପଠାଇ ଦିଆଯାଇଛି ବୋଲି ଆଇଆଇସି ସୁରେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି ।

## ସାନିଟାରୀ ଉପକରଣ ଚୋରି ଅଭିଯୋଗ: ୨ ଗିରଫ



ଗିରଫ ଜି.ମହେଶ ଏବଂ ପି.ରାମୁ ।

ବ୍ରହ୍ମପୁର ଅଫିସ୍,୨୭।୯

ଏମ୍‌କେସିଜି ମେଡିକାଲ କଲେଜର ନୂତନ ହଷ୍ଟେଲ କୋଠାରୁ ସାନିଟାରୀ ଉପକରଣ ଚୋରି କରିଥିବା ଅଭିଯୋଗରେ ବୈଦ୍ୟନାଥପୁର ପୋଲିସ ଗୁରୁବାର ୨ ଚୋରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ଆନ୍ଧ୍ରପ୍ରଦେଶ ରାଙ୍ଗାରେଡ୍ଡୀ ଜିଲା ଜଲାପଲି ଗ୍ରାମର ଗୋଲା ମହେଶ ଏବଂ ଇଚ୍ଛାପୁରମ୍ ରାଲି ସାହିର ପୋଦାଲୁ ରାମୁ । ସେମାନଙ୍କ ନିକଟରୁ ବହୁ ପରିମାଣର ଚୋରି ସାନିଟାରୀ ଉପକରଣ ଜବତ କରାଯାଇଛି ।

ପ୍ରକାଶଯେ, ଗତ ୨୧ ତାରିଖ ବିଳମ୍ବିତ ରାତିରେ ଏମ୍‌କେସିଜି ମେଡିକାଲ କଲେଜ ନୂତନ ହଷ୍ଟେଲ କୋଠା ବାଥରୁମ୍‌ରୁ ସାନିଟାରୀ ଉପକରଣ ସବୁ ଚୋରି ହୋଇଯାଇଥିବା ନେଇ ପ୍ରଶାସନିକ ଅଧିକାରୀ ସୁଦାମ ମଣ୍ଡଳ ବୈଦ୍ୟନାଥପୁର ଥାନାରେ ଏତଲା ଦେଇଥିଲେ । ପୋଲିସ ନଂ. ୧୯୮/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ବୁଧବାର ରାତିରେ ଏମକେସିଜି ନିକଟରେ ସନ୍ଦେହଜନକ ଭାବେ ବୁଲୁଥିବା ୨ଜଣଙ୍କୁ ଦେଖି ଜେରା କରିଥିଲା । ସେମାନେ ଚୋରି କରିଥିବା ନେଇ ମାନିବା ପରେ ସେମାନଙ୍କ ନିକଟରୁ ଚୋରି ହୋଇଥିବା ସମସ୍ତ ସାମଗ୍ରୀ ଜବତ କରାଯାଇଥିଲା ବୋଲି ଆଇଆଇସି ଜୟକୃଷ୍ଣ ପଟ୍ଟନାୟକ ସୂଚନା ଦେଇଛନ୍ତି ।

## ଅର୍ଜୁନ ହସ କ୍ଲବ କାର୍ଯ୍ୟକାରିଣୀ ବୈଠକ

ବ୍ରହ୍ମପୁର ଅଫିସ,୨୭।୯

ଉତ୍କଳ ଆଶ୍ରମରେ ଅର୍ଜୁନ ହସ କ୍ଲବ ବ୍ରହ୍ମପୁରର ନୂତନ କର୍ମକର୍ତ୍ତାଙ୍କ ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅସ୍ଥିଶଲ୍ୟ ବିଶେଷଜ୍ଞ ପ୍ରଫେସର କୃଷ୍ଣଚନ୍ଦ୍ର ପାଠୀ ଯୋଗ ଦେଇଥିଲେ। ନୂତନ ସଭାପତି ଇଂ. କିଶୋର ଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ସୀମାଞ୍ଚଳ ପ୍ରସାଦ ବିଷୋୟୀ ସ୍ୱାଗତ ଭାଷଣ ଦେଇଥିଲେ । କୋଷାଧକ୍ଷ ନରସିଂହ ସାହୁ ଆର୍ଥିକ ବିବରଣୀ ପ୍ରଦାନ କରିଥିଲେ । ଏହି ଅବସରରେ ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ କରାଯାଇଥିଲା । ବରିଷ୍ଠ ସଭ୍ୟ ସ୍ୱର୍ଗତ ଇଂ. ପିଏସ୍ଏନ୍ ରାଓଙ୍କୁ କର୍ମକର୍ତ୍ତାମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଓ ଜୀବନଶୈଳୀ ଉପରେ ମୁଖ୍ୟଅତିଥି ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ବିପ୍ରଚରଣ ପାତ୍ର, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସହ ସମ୍ପାଦକ ସତ୍ୟବାଦୀ ପାତ୍ର, ପଦ୍ମଚରଣ ସାବତ, ନରସିଂହ ପାଣିଗ୍ରାହୀ, କୁମାର ସ୍ୱାମୀ ପାତ୍ର, ସୁବ୍ରତ କୁମାର ସାହୁ, ରମାନନ୍ଦ ପଟ୍ଟନାୟକ, ଏମ୍ଏମ୍ଏସ୍ ମଲ୍ଲିକ, ପ୍ରକାଶ ଚନ୍ଦ୍ର ସାହୁ, ପର୍ଶୁରାମ ଦଳାଇ ଓ ସୂର୍ଯ୍ୟନାରାୟଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ଉପସଭାପତି ବି. ବେଣୁଗୋପାଳ ପାତ୍ର ଧନ୍ୟବାଦ ଦେଇଥିଲେ ।

## ପଥପ୍ରାନ୍ତ ନାଟକ ଦ୍ୱାରା ଆଇନ ସଚେତନତା



ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ପଥପ୍ରାନ୍ତ ନାଟକ ପରିବେଷଣ ଅବସରରେ ପ୍ରାଧିକରଣ ସଚିବ ବିଜୟ ଦାସ ଉଦ୍‌ବୋଧନ ଦେଉଛନ୍ତି ।

ବ୍ରହ୍ମପୁର ଅଫିସ୍,୨୭।୯

ଏସିଡ୍ ଆକ୍ରମଣରେ ପୀଡିତାମାନଙ୍କୁ କ୍ଷତିପୂରଣ ଯୋଜନା ଦ୍ୱାରା ଆଇନ ସେବା ଯୋଗାଇଦେବା ନେଇ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବ୍ରହ୍ମପୁର ରେଳଷ୍ଟେଶନ ରାସ୍ତାରେ ସଚେତନାତ୍ମକ ପଥପ୍ରାନ୍ତ ନାଟକ ପରିବେଷିତ ହୋଇଯାଇଛି । ପ୍ରାଧିକରଣ ସଚିବ ବିଜୟ କୁମାର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ବିଚାରପତିମାନେ ଯୋଗଦେଇଥିଲେ । ଏସିଡ୍ ଆକ୍ରମଣରେ ପୀଡିତାଙ୍କୁ ସାମାଜିକ ସୁରକ୍ଷା ତଥା ସେମାନଙ୍କ ଚିକିତ୍ସା କରାଯିବା ସହିତ କିଭଳି ଥଇଥାନର ବନ୍ଦୋବସ୍ତ କରାଯିବ, ସଙ୍ଗେ ସଙ୍ଗେ କ୍ଷତିପୂରଣ ପ୍ରଦାନ କରିବା ଦିଗରେ ଜାତୀୟ ଆଇନ ସେବା ପ୍ରାଧିକରଣ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣ କମିଟି ଜନସଚେତନତା ଉଦ୍ଦେଶ୍ୟରେ ଏକ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା । ପାରା ଲିଗାଲ ସ୍ୱେଚ୍ଛାସେବୀମାନେ ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିବା ବେଳେ ରେଳବାଇ ପୋଲିସ ଫୋର୍ସ କର୍ମଚାରୀମାନେ ଯୋଗଦେଇ ଶୃଙ୍ଖଳା ରକ୍ଷା କରିବାରେ ସହଯୋଗ କରିଥିଲେ ।

## ପର୍ଯ୍ୟଟନ ସ୍ଥଳକୁ ସ୍ୱଚ୍ଛ, ପଲିଥିନମୁକ୍ତ ରଖିବାକୁ ଆହ୍ୱାନ

ବ୍ରହ୍ମପୁର ଅଫିସ/ଗୋପାଳପୁର, ୨୭।୯

ଓଡିଶା ପର୍ଯ୍ୟଟନ ବିଭାଗ, ଗଞ୍ଜାମ ଜିଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଗୋପାଳପୁରରେ ବିଶ୍ୱ ପର୍ଯ୍ୟଟନ ଦିବସ ଗୁରୁବାର ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଏକ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଜିଲା ଉନ୍ନୟନ ସହରାଞ୍ଚଳ କର୍ତ୍ତୃପକ୍ଷ(ଡିୟୁଡିଏ) ପ୍ରକଳ୍ପ ନିର୍ଦ୍ଦେଶକ ସବ୍ୟସାଚୀ ହୋତା ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ଶୋଭାଯାତ୍ରାକୁ ଶୁଭାରମ୍ଭ କରିଥିଲେ । ଯୋଡି ଶଙ୍ଖ, ଘଣ୍ଟ, ମୃଦଙ୍ଗ ସହ ସୁସଜିତ ଓଟ, ଘୋଡା ଗହଣରେ ଏକ ବିରାଟ ପଟୁଆର ବେଳାଭୂମିରୁ ବାହାରି ନଗର ପରିକ୍ରମା କରିଥିଲା । ଶୋଭାଯାତ୍ରାରେ ଏରୋବିକ ଓ ସ୍କେଟିଂ ଏକାଡେମୀର ଶିଶୁମାନଙ୍କ ଷ୍ଟଣ୍ଟ ଶୋ ବେଶ ଆକର୍ଷଣୀୟ ହୋଇଥିଲା । ଗୋପାଳପୁର ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନୀତ ହୋଇଛି । ଆଗାମୀ ଦିନରେ ଏହି ବେଳାଭୂମିକୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରାଇବା ପାଇଁ ଇକୋ ଟୁରିଜମ ହବ ନିର୍ମାଣ ହେଉଛି । ଏହା ସହ ତାମ୍ପରାର ବିକାଶ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଗଞ୍ଜାମ ଜିଲା ପର୍ଯ୍ୟଟନ ବିକାଶରେ ନିଶ୍ଚୟ ସହାୟକ ହେବ ବୋଲି ମୁଖ୍ୟଅତିଥି ମତବ୍ୟକ୍ତ କରିଥିଲେ । ପର୍ଯ୍ୟଟନ ସ୍ଥଳକୁ ସ୍ୱଚ୍ଛ ଓ ପଲିଥିନ ମୁକ୍ତ ରଖିବାକୁ ମୁଖ୍ୟଅତିଥି ହୋତା ଆହ୍ୱାନ ଦେଇଥିଲେ। ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସନାତନ ନାୟକଙ୍କ ଅଧକ୍ଷତାରେ 'ଟୁରିଜମ ଓ ଦି ଡିଜିଟାଲ ଟ୍ରାନ୍ସଫର୍ମେଶନ' ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ସମ୍ମାନିତ ଅତିଥି ଭାବେ ଏନ୍ଏସି ଅଧକ୍ଷା ଏ. ମହାଲକ୍ଷ୍ମୀ, ଏନ୍ଏସି ଉପାଧକ୍ଷ ଇ. ଲୋକନାଥ, କାର୍ଯ୍ୟନିର୍ବାହୀ ଅଧିକାରୀ ଉମାଶଙ୍କର ସେଠୀ, ଜିଲା ସଂସ୍କୃତି ଅଧିକାରୀ ସୁକ୍ରୁ ସ୍ୱାଇଁ, ଜିଲା କ୍ରୀଡା ଅଧିକାରୀ ପ୍ରଶାନ୍ତ ସାହୁ, ବ୍ରହ୍ମପୁର ଷ୍ଟାଡିୟମ ଭାରପ୍ରାପ୍ତ ଅଧିକାରୀ ଶଚୀନ୍ଦ୍ର ମାଝି, ବିଡିଏ ସଚିବ ସସ୍ମିତ ରାଉତ, ଗଞ୍ଜାମ ଜିଲା ହୋଟେଲ ଆସୋସିଏଶନ ସଭାପତି ଉମାଶଙ୍କର ପାଣିଗ୍ରାହୀ, ପର୍ଯ୍ୟଟନ ଭାରତ ସମ୍ପାଦକ ନାରାୟଣ ମହାକୁଡ, ଡେପୁଟି ମ୍ୟାନେଜର ପ୍ରଶାସନ ସୁରେଶ ଚନ୍ଦ୍ର ପାତ୍ର, ଟାଟା ଷ୍ଟିଲ ସିଏସଆର ଈଶ୍ୱର କୁମାର ପରିଡା, ପାନ୍ଥନିବାସ ମ୍ୟାନେଜର ସବ୍ୟସାଚୀ କର, ମେ ଫେୟାର ପାମ ରିସୋର୍ଟ ଜେନେରାଲ ମ୍ୟାନେଜର ସରୋଜ ସୁଲୋଭନ, ଏରୋବିକ ଏଡିଭିଆଇ ନିର୍ଦ୍ଦେଶକ ଆଦିନାରାୟଣ, ସ୍କେଟିଂ ଟ୍ରେନର ବିଭୂତି ଜେନା ପ୍ରମୁଖ ଯୋଗ ଦେଇଥିଲେ । ଗଞ୍ଜାମ ଜିଲାର କଳା ସଂସ୍କୃତି ଓ ପର୍ଯ୍ୟଟନ ଶିଳ୍ପର ବିକାଶ ଓ ଏହାର ପ୍ରଚାର ପ୍ରସାର ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ । ବେଳାଭୂମିକୁ ପଲିଥିନମୁକ୍ତ ଓ ସ୍ୱଚ୍ଛ ରଖିବା ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହା ସହ ବିଚ ଭଲିବଲ, ସ୍କେଟିଂ ଶୋ, ଏରୋବିକ ମାଧ୍ୟମରେ ପର୍ଯ୍ୟଟନର ସୁରକ୍ଷା ଓ ସ୍ୱଚ୍ଛ ରଖିବା ନେଇ ବାର୍ତ୍ତା ଦିଆଯାଇଥିଲା । ୱାଇ. ଶ୍ରୀନିବାସ, ଭାଗୀରଥି ଗୌଡ, ପଞ୍ଚୁ ବେହେରା, ଇ. ପ୍ରଶାନ୍ତ ସୁରେନ୍ଦ୍ର ମହାପାତ୍ର, ତନୁଜା ଦାଶ ଏବଂ ଗୋପାଳପୁର ପୌର ପରିଷଦର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ । ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମହାବିଦ୍ୟାଳୟ ଓ ଛାତ୍ରୀଛାତ୍ରଙ୍କ ସମେତ ବରିଷ୍ଠ ନାଗରିକ, ଗଞ୍ଜାମ ଜିଲା ହୋଟେଲ ସଂଘ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।




ବେଳାଭୂମି ସ୍ୱଚ୍ଛ ରଖିବାକୁ ସଚେତନ କରାଯାଉଛି ।

**ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ**

## ସଂକ୍ଷେପରେ

### ବିବାହ ପ୍ରତିଶ୍ରୁତି ଦେଇ ରଖିଥିବା ନାବାଳିକାଙ୍କୁ ଉଦ୍ଧାର କଲା ଚାଇଲ୍ଡ ଲାଇନ

ବାଲିଗୁଡା,୨୭।୯(ଡି.ଏନ୍.ଏ.): କନ୍ଧମାଳ ଜିଲା ବାଲିଗୁଡା ଥାନା ଅଞ୍ଚଳରୁ ଜଣେ ନାବାଳିକାଙ୍କୁ କନ୍ଧମାଳ ଚାଇଲ୍ଡ ଲାଇନ ଗୁରୁବାର ଅପରାହ୍ନରେ ଉଦ୍ଧାର କରିଛି। ସ୍ତ୍ରୀ ଓ ୩ ସନ୍ତାନ ଥିବା ଜନୈକ ବ୍ୟକ୍ତି ସମ୍ପୃକ୍ତ ନାବାଳିକାଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ପ୍ରାୟ ମାସେ ହେଲା ଆଣି ଘରେ ରଖିଥିଲେ। ଏନେଇ ଖବର ପାଇବା ପରେ ଗୁରୁବାର ଅପରାହ୍ନରେ ଚାଇଲ୍ଡ ଲାଇନ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ପଣ୍ଡା, ସିଡିପିଓ ବାସନ୍ତୀ ମିତ୍ ଓ ବାଲିଗୁଡା ପୋଲିସ ମିଳିତ ଭାବେ ଚଢାଉ କରି ସମ୍ପୃକ୍ତ ନାବାଳିକାଙ୍କୁ ଉଦ୍ଧାର କରିବା ସହ ତାଙ୍କୁ ରଖିଥିବା ବ୍ୟକ୍ତିଙ୍କ ବିରୋଧରେ ଏକ ମାମଲା ରୁଜୁ କରିଛି। ସମ୍ପୃକ୍ତ ନାବାଳିକାଙ୍କୁ ପ୍ରଶାସନକୁ ହସ୍ତାନ୍ତର କରାଯିବ ବୋଲି ଚାଇଲ୍ଡ ଲାଇନ ନିର୍ଦ୍ଦେଶକ ପଣ୍ଡା କହିଛନ୍ତି। ଚଢାଉବେଳେ ସୁପ୍ରଭା ନାୟକ, ବିଜୟ କୁମାର ସାହୁ, ଦଶମୀ ପ୍ରଧାନ, ଶ୍ରୀକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ଭଞ୍ଜନଗର ଏନ୍‌ଏସିର ଶେଷ କାଉନ୍‌ସିଲ ବୈଠକ
### ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ନିର୍ଦ୍ଦେଶ

ଭଞ୍ଜନଗର,୨୭।୯(ଡି.ଏନ.ଏ.): ୨୦୧୩ ମସିହାରେ ନିର୍ବାଚିତ ହୋଇଥିବା ଭଞ୍ଜନଗର ଏନ୍‌ଏସି କାଉନ୍‌ସିଲରଙ୍କ କାର୍ଯ୍ୟକାଳ ଚଳିତ ମାସରେ ଶେଷ ହେଉଛି। ଏହାପୂର୍ବରୁ ବୁଧବାର ସନ୍ଧ୍ୟାରେ କାଉନ୍‌ସିଲର ଶେଷ ସାଧାରଣ ବୈଠକ ହୋଇଥିଲା। ଏଥିରେ ଅଧକ୍ଷା ସୁନିତା କୁମାରୀ ଦଳବେହେରା ସଭାପତିତ୍ୱ କରିଥିଲେ। ନିର୍ବାହୀ ଅଧିକାରୀ ଭଜରାମ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିଲେ। ଗ୍ରାମ୍ୟ ଉନ୍ନୟନ, ସଂସଦୀୟ ବ୍ୟାପାର, ସରକାରୀ ଉଦ୍ୟୋଗ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଯୋଗଦେଇ ସହରାଞ୍ଚଳ ଗୁଡ଼ିକରେ ଗମନାଗମନ, ପାଣି ଏବଂ ବିଜୁଳିର ଉନ୍ନତି ପାଇଁ ପର୍ଯ୍ୟାପ୍ତ ଅନୁଦାନ ରାଜ୍ୟ ସରକାର ଦେଇଛନ୍ତି। ଉକ୍ତ ଅର୍ଥର ସଠିକ୍ ବିନିଯୋଗ ସହ ଉନ୍ନୟନ କାର୍ଯ୍ୟ ଗୁଡ଼ିକ ତ୍ୱରାନ୍ୱିତ କରିବା ପାଇଁ ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ସହରର ଆଲୋକିକରଣ, ରାସ୍ତା ନିର୍ମାଣ, ପିଇବା ପାଣି ଏବଂ ଆୟ ବ୍ୟୟ ଉପରେ ସମୀକ୍ଷା ହୋଇଥିଲା। ଉପାଧକ୍ଷ ରାଜେନ୍ଦ୍ର ବିଷୋୟୀ, ଯନ୍ତ୍ରୀ ସୁଶାନ୍ତ କୁମାର ସାହୁ, କର୍ମଚାରୀ ଅଶୋକ ତ୍ରିପାଠୀ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଶେଷ ବୈଠକ ହୋଇଥିବାରୁ ଅଧିକାଂଶ କାଉନ୍‌ସିଲର ସଭାରେ ଉପସ୍ଥିତ ଥିଲେ।

### ଗାନ୍ଧୀ ଜୟନ୍ତୀରୁ ଗ୍ରାମସଭା ପ୍ରସ୍ତୁତି ବୈଠକ



ବେଗୁନିଆପଡ଼ା, ୨୭।୯(ଡି.ଏନ.ଏ.): ବେଗୁନିଆପଡ଼ା ବ୍ଲକ ପରିସରରେ ବୁଧବାର ଗାନ୍ଧୀ ଜୟନ୍ତୀରେ ଗ୍ରାମସଭା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରେ ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ଗ୍ରାମସଭା କରାଯାଇ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଗ୍ରାମପଞ୍ଚାୟତର ଆବଶ୍ୟକ ଥିବା ଗ୍ରାମାଞ୍ଚଳ ପାଠାଗାର, ଗ୍ରାମାଞ୍ଚଳ ହାଟ, ବନିକରଣ, ଖେଳ ପଡ଼ିଆ ନିର୍ମାଣ, ପୋଖରି ପୁନରୁଦ୍ଧାର, ବ୍ୟକ୍ତିଗତ ଜମିର ଉନ୍ନତୀକରଣ, ବିଦ୍ୟାଳୟ ପାଇଖାନା, ବ୍ୟକ୍ତିଗତ ପୋଖରୀ ଖନନ ନେଇ ପ୍ରସ୍ତାବ ପଠାଇବା ପାଇଁ ଆଲୋଚନା ହୋଇଥିଲା। ଏଥିରେ ପଞ୍ଚାୟତିରାଜ, କୃଷି, ପଶୁଧନ, ଉଦ୍ୟାନ ଓ ମତ୍ସ୍ୟ ବିଭାଗ ମଧ ଲୋକଙ୍କୁ ସଚେତନ କରାଇ ପ୍ରକଳ୍ପର ପ୍ରସ୍ତାବ ପଠାଇବାକୁ କହିଥିଲେ। ଗ୍ରାମସଭା ନେଇ ଧେଣ୍ଡୁରା, ଡ଼ାକବାଜି ଯନ୍ତ୍ର ଦ୍ୱାରା ସମସ୍ତଙ୍କୁ ଜଣାଇବା ପାଇଁ ପଦକ୍ଷେପ ନେବାକୁ କହିଥିଲେ। ଏଥିରେ ବିଡିଓ ପ୍ରଦୀପ କୁମାର ପଣ୍ଡା, ଉପାଧକ୍ଷ ଭ୍ରମର ଭୂୟାଁ, ସହକାରୀ ଯନ୍ତ୍ରୀ ବଂଶୀଧର ପରିଡ଼ା, ଏପିଇଓ ପ୍ରକାଶ ଚନ୍ଦ୍ର ସାହୁଙ୍କ ସମେତ ସମସ୍ତ କନିଷ୍ଠ ଯନ୍ତ୍ରୀ, ବିଭାଗୀୟ କର୍ମଚାରୀ, ସରପଞ୍ଚ, ସମିତିସଭ୍ୟ, ଜିଆରଏସ, ପଞ୍ଚାୟତ ନିର୍ବାହୀ ଅଧିକାରୀ, କୃଷି ଓ ଉଦ୍ୟାନ ଅଧିକାରୀ ଯୋଗ ଦେଇଥିଲେ।

■ ଦିଗପହଣ୍ଡିରେ ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କୁ ବିରୋଧ

# ବ୍ଲକ କାର୍ଯ୍ୟାଳୟ ଆଗରେ ଭାଜପାର ବିକ୍ଷୋଭ

ଦିଗପହଣ୍ଡି,୨୭।୯(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟରେ ଗୁରୁବାର ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିବା ସ୍ଥାନୀୟ ବିଧାୟକ ତଥା ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ଓ ସମବାୟ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ରଙ୍କୁ ବିରୋଧ କରି ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଦିଗପହଣ୍ଡି ପୋଲିସ ବିକ୍ଷୋଭରେ ସାମିଲ ଭାଜପା ଗଞ୍ଜାମ ଜିଲା କମିଟି ଉପସଭାପତି ପରେଶ ଚନ୍ଦ୍ର ରଥ, ଦିଗପହଣ୍ଡି ନଗର କମିଟି ସଭାପତି ଭବାନୀ ଶଙ୍କର ପଣ୍ଡା, ସୀମାଞ୍ଚଳ ସାସମଲ, ଟୁନା ଚୌଧୁରୀ, ପ୍ରଶାନ୍ତ ପୂଜାରୀ ପ୍ରମୁଖ ବହୁ କର୍ମକର୍ତ୍ତାଙ୍କୁ ଥାନାକୁ ଉଠାଇ ନେଇଥିଲେ। ଖବର ପ୍ରଚାରିତ ହେବା ପରେ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଇଂ. ଉତ୍ତମ କୁମାର ପାଣିଗ୍ରାହୀ, ମହିଳା ମୋର୍ଚ୍ଚା ଜିଲା ସଭାନେତ୍ରୀ ବନଜା ପଣ୍ଡା, ମନୋଜ କୁମାର ପଣ୍ଡା, ସନ୍ତୋଷ କୁମାର ସାହୁ, ସୂର୍ଯ୍ୟ ନାରାୟଣ ସାହୁ, ବାପି ପ୍ରଧାନ ପ୍ରମୁଖ ଦଳୀୟ କାର୍ଯ୍ୟକର୍ତ୍ତା ଥାନାରେ ପହଞ୍ଚି ଆଇଆଇସି ଦେବାଶିଷ ମହାନ୍ତିଙ୍କ ସହ ଆଲୋଚନା ପରେ ବ୍ୟକ୍ତିଗତ ମୁଚାଲିକାରେ ଅଟକ କର୍ମୀଙ୍କୁ ଛଡା ଯାଇଥିଲା। ଦିଗପହଣ୍ଡି ବ୍ଲକ ପ୍ରଶାସନ ପକ୍ଷରୁ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ବିଭିନ୍ନ ସରକାରୀ ଯୋଜନାରେ ଚିହ୍ନଟ କରାଯାଇଥିବା ୨୫ ପଞ୍ଚାୟତରୁ ବହୁ ହିତାଧିକାରୀ ବ୍ଲକ କାର୍ଯ୍ୟାଳୟରେ ଉପସ୍ଥିତ ଥିଲେ। ସେମାନଙ୍କ ପାଇଁ ପାନୀୟ ଜଳ କିମ୍ବା ଆନୁସଙ୍ଗିକ କୌଣସି ସୁବିଧା ନଥିଲା। ପ୍ରଚଣ୍ଡ ଖରା ଯୋଗୁ ଅନେକ ବୃଦ୍ଧାବୃଦ୍ଧ ଦିବ୍ୟାଙ୍ଗ ହିତାଧିକାରୀ ଅସୁବିଧାର ସମ୍ମୁଖିନ ହୋଇଥିଲେ। ଏଭଳି ପ୍ରଶାସନିକ ଅବ୍ୟବସ୍ଥା ବିରୋଧରେ ସ୍ଥାନୀୟ ଭାଜପା ନେତୃବୃନ୍ଦ ଓ ବହୁ ସଂଖ୍ୟକ କର୍ମୀ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ହୋହଲ୍ଲା କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ୧୩୧୮ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତା ବଣ୍ଟନ କରିବା ସହ ୧୭୨ ପରିବାରଙ୍କୁ ଆବାସ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ଦିଗପହଣ୍ଡି ବ୍ଲକ ଅଧକ୍ଷ ବିପିନ ଚନ୍ଦ୍ର ପ୍ରଧାନ ସଭାରେ ଅଧକ୍ଷତା କରିଥିଲେ। ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସମ୍ପର୍କରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ଏନେଇ ବିଚଳିତ ନଥିବା କହିଛନ୍ତି। ଅପରପକ୍ଷରେ ଚିଟଫଣ୍ଡ ଦୁର୍ନୀତି ସମେତ ୭ ଶହ କୋଟି ଟଙ୍କାର ସମବାୟ ଦୁର୍ନୀତିରେ ମନ୍ତ୍ରୀ ସଂଶ୍ଲିଷ୍ଟ ଥିବାରୁ ତାଙ୍କର ସମସ୍ତ କାର୍ଯ୍ୟକ୍ରମକୁ ଭାଜପା ପକ୍ଷରୁ ବିରୋଧ କରାଯିବ ବୋଲି ଭାଜପା ଜିଲା ଉପସଭାପତି ପରେଶ ଚନ୍ଦ୍ର ରଥ ଜଣାଇଛନ୍ତି। ବିଭିନ୍ନ ସରକାରୀ ଯୋଜନାରେ ହିତାଧିକାରୀ ଚୟନରେ ଦଳୀୟ ବାଛବିଚାର କରାଯାଉଛି। ଗୁରୁବାର ଅନୁଷ୍ଠିତ ଭତ୍ତା ବଣ୍ଟନରେ କଇଠଖଣ୍ଡି ପଞ୍ଚାୟତର ସର୍ବାଧିକ ୧୯୨ ଜଣ ହିତାଧିକାରୀଙ୍କୁ ଭତ୍ତା କାର୍ଡ ବଣ୍ଟନ କରାଯାଇଥିବା ବେଳେ ଖମାରିଗାଁରେ ବିଜେଡି ସମର୍ଥିତ ସରପଞ୍ଚ ନଥିବାରୁ ମାତ୍ର ଜଣଙ୍କୁ ଭତ୍ତା କାର୍ଡ ବଣ୍ଟନ କରାଯାଇଥିବା କହିଛନ୍ତି।



ଭାଜପା ନେତୃବୃନ୍ଦଙ୍କୁ ପୋଲିସ ଗିରଫ କରି ଗାଡ଼ିରେ ନେଉଛି ।

**ଭାଜପା କର୍ମୀଙ୍କୁ ଉଠାଇ ନେଲା ପୋଲିସ**





କୋଟଗଡ ନାବାଳିକା ବଳାତ୍କାର ଏବଂ ହତ୍ୟା ଘଟଣାରେ ଅଭିଯୁକ୍ତଙ୍କୁ ଫାଶୀ ଦାବିରେ ଗୁରୁବାର କନ୍ଧମାଳ ମିଳିତ ନାଗରିକ କମିଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରାଯାଉଛି ।

## ଜେଲରେ ଗିରଫ ଅଭିଯୁକ୍ତଙ୍କ ଅନଶନ

ବାଲିଗୁଡା,୨୭।୯(ଡି.ଏନ୍.ଏ.)

କନ୍ଧମାଳ ଜିଲା ବାଲିଗୁଡା ସବ୍‌ଜେଲରେ ଜଣେ କଏଦୀ ଗୁରୁବାର ବିଭିନ୍ନ ଦାବି ନେଇ ଅନଶନ ଆରମ୍ଭ କରିଛନ୍ତି। ସେ ହେଲେ ତୁମ୍ନନାଥ ସୁବୁଦ୍ଧି।

ପ୍ରକାଶ ଯେ, ବ୍ରାହ୍ମଣୀଗାଁ ଥାନା ଅଞ୍ଚଳରେ ଗତ ୩୧ ତାରିଖରେ ବିଦ୍ୟୁତ୍ ଆଘାତରେ ରାଜମିସ୍ତ୍ରୀ ପ୍ରଶାନ୍ତ କୁମାର ବିଷୋୟୀଙ୍କ ମୃତ୍ୟୁ ଘଟିଥିଲା। କ୍ଷତିପୂରଣ ଦାବିରେ ଅଞ୍ଚଳବାସୀ ଆନ୍ଦୋଳନ କରିଥିଲେ। ସେମାନଙ୍କୁ ବୁଝାସୁଝା କରିବାକୁ ଆସିଥିବା ପୋଲିସ ଓ ପ୍ରଶାସନକୁ ଦୁର୍ବ୍ୟବହାର କରିଥିବା ଅଭିଯୋଗରେ ମଙ୍ଗଳବାର ବିଳମ୍ବିତ ରାତିରେ ତୁମ୍ନନାଥଙ୍କୁ ବ୍ରାହ୍ମଣୀଗାଁ ପୋଲିସ ଗିରଫ କରି ବାଲିଗୁଡା ଜେଲ୍‌କୁ ପଠାଇଥିଲା। ମାତ୍ର ସେଠାରେ ତୁମ୍ନନାଥ କେତେକ ଦାବି ନେଇ ଅନଶନ କରିଛନ୍ତି। ଦାବି ଗୁଡିକ ହେଲା ମୃତକଙ୍କ ପରିବାରକୁ ୧୦ଲକ୍ଷ ଟଙ୍କା କ୍ଷତିପୂରଣ, ପୋଲିସ ତାଙ୍କ ରୁଦ୍ରାକ୍ଷ କାହିଁକି ଛିଡାଇଲା। ଏନେଇ ଜେଲ ସୁପରିଟେଣ୍ଡେଣ୍ଟ ସନ୍ଦିପ କୁମାର ସଏ କହିଛନ୍ତି, ଆମେ ବୁଝାସୁଝା ଜାରି ରଖିଛୁ। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

## ପ୍ରଧାନଶିକ୍ଷକଙ୍କୁ ବର୍ଷେ ଜେଲ

ଫୁଲବାଣୀ ଅଫିସ, ୨୭।୯

ବିଦ୍ୟାଳୟ ଶ୍ରେଣୀ ଗୃହ ନିର୍ମାଣ ଟଙ୍କା ହଡପ ଅଭିଯୋଗ ମାମଲାର ବିଚାର କରି ଗୁରୁବାର ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ବିରଞ୍ଚି ନାରାୟଣ ମିଶ୍ର ଅଭିଯୁକ୍ତ ପ୍ରଧାନଶିକ୍ଷକଙ୍କୁ ୧ ବର୍ଷ ଜେଲ ଦଣ୍ଡାଦେଶ ଦେବା ସହ ୧୦୦୦ ଟଙ୍କା ଜରିମାନା କରିଛନ୍ତି । ଏହା ଅନାଦେୟ ଅଧିକ ୭ ଦିନ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ହେଲେ ବୌଦ୍ଧ ଜିଲା କମଳପୁର ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ଜନ୍ମେଜୟ ପ୍ରଧାନ । ଏହି ଘଟଣାରେ ବିଦ୍ୟାଳୟ ସଭାପତି ଉମେଶ ଭୋଇଙ୍କୁ ସାକ୍ଷ୍ୟପ୍ରମାଣ ଅଭାବରୁ ଖଲାସ କରାଯାଇଛି। ୨୦୦୭-୦୮ରେ ଉକ୍ତ ବିଦ୍ୟାଳୟର ଶ୍ରେଣୀଗୃହ ପାଇଁ ୨ ଲକ୍ଷ ୪୦ ହଜାର ଟଙ୍କା ବ୍ୟୟବରାଦ ହୋଇଥିଲା । ସେଥି ମଧ୍ୟରୁ ୧ ଲକ୍ଷ ୮୦ ହଜାର ଟଙ୍କା ବିଦ୍ୟାଳୟକୁ ଦିଆଯାଇଥିଲା । ପ୍ରଧାନଶିକ୍ଷକ ଏଥିରୁ ୧ ଲକ୍ଷ ଟଙ୍କା ଉଠାଇ କୌଣସି କାମ କରି ନ ଥିଲେ । ଏ ନେଇ ଜିଲାପାଳଙ୍କ ପାଖରେ ଅଭିଯୋଗ ହେବାରୁ ତଦନ୍ତ ଭାର ଭିଜିଲାନ୍ସକୁ ଦିଆଯାଇଥିଲା । ଭିଜିଲାନ୍ସ ନଂ. ୪୫/୧୪ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା । ୯ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।

## ସେଲ୍‌ଫି କର୍ନର



@ ମନୋଜ



@ ପ୍ରଦ୍ୟୁଷ



@ ବାସୁଦେବ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ଦାବିରେ ସ୍କୁଲ ସମ୍ମୁଖରେ ଆନ୍ଦୋଳନ

ଶେରଗଡ,୨୭।୯(ଡି.ଏନ୍.ଏ.)

ଶେରଗଡ ବ୍ଲକ ବରମୁଣ୍ଡଳୀ ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ଦାବିରେ ଗ୍ରାମବାସୀ, ବିଦ୍ୟାଳୟ ପରିଚାଳନା କମିଟି, ପାଚିକା ରୋଷେୟା ପାଠପଢା ବନ୍ଦ କରିବା ସହ ବିଦ୍ୟାଳୟ ଆଗରେ ଆନ୍ଦୋଳନ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ପ୍ରଧାନ ଶିକ୍ଷୟିତ୍ରୀ ମଧ୍ୟାହ୍ନଭୋଜନରେ ଅନିୟମିତତା କରୁଛନ୍ତି। ଆବଶ୍ୟକ ମୁତବାକ ସାମଗ୍ରୀ ଦେଉ ନ ଥିବାବେଳେ ଡାଲିରେ ପେଜ ମିଶାଉଛନ୍ତି। ଚାଉଳରେ ମଧ ହେରଫେର ହେଉଛି। ଏନେଇ ବହୁବାର ଅଭିଯୋଗ ପରେ କିଛି ସୁଫଳ ନ ମିଳିବାରୁ ଆନ୍ଦୋଳନକୁ ଓହ୍ଲାଇଛୁ ବୋଲି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମନୋଜ କୁମାର ପାଢୀ, ସଉଦା ଜାନୀ ପ୍ରମୁଖ କହିଛନ୍ତି। ଏହାର ତଦନ୍ତ କରି ପ୍ରଧାନଶିକ୍ଷୟିତ୍ରୀଙ୍କୁ ତୁରନ୍ତ ବଦଳି କରିବାକୁ ଦାବି କରିଛନ୍ତି। ଖବର ପାଇ ବରମୁଣ୍ଡଳୀ ସରପଞ୍ଚ କାଳୁଚରଣ ସାହୁ , ସମିତିସଭ୍ୟଙ୍କ ପ୍ରତିନିଧି କାଳିଆକାହ୍ନୁ ପାଣିଗ୍ରାହୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ଓ ସଭାପତି ପାଢୀଙ୍କ ଉପସ୍ଥିତିରେ ବୈଠକ ବସି ପ୍ରଧାନଶିକ୍ଷୟିତ୍ରୀ କିଛି ଦିନ ଛୁଟିରେ ରହିବେ ଏବଂ ବଦଳି କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଅପରାହ୍ନ ପ୍ରାୟ ସାଢେ ୧୨ଟାରେ ପାଠପଢା ହୋଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ମଧ୍ୟାହ୍ନଭୋଜନ କରିବ ବୋଲି ନିଷ୍ପତ୍ତି ହୋଇଥିଲା।



ବିଦ୍ୟାଳୟ ଆଗରେ ଅଭିଭାବକ ଓ ଶିକ୍ଷା କମିଟି ସଦସ୍ୟଙ୍କ ସହ ଛାତ୍ରୀଛାତ୍ର।

## ଜାତୀୟ ସେବା ଯୋଜନା ଦିବସ ପାଳିତ

ଗଞ୍ଜାମ,୨୭।୯(ଡି.ଏନ.ଏ.)

ଗଞ୍ଜାମ ମହାବିଦ୍ୟାଳୟରେ ଅଧକ୍ଷ ଡ଼. ରଙ୍ଗନାଥ କାନୁନ୍‌ଗୋଙ୍କ ଅଧକ୍ଷତାରେ ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଯାଇଛି। ଅଧାପକ ଡ଼. ଦୁର୍ଯ୍ୟୋଧନ ଜେନାଙ୍କ ଦ୍ୱାରା ପରିଚାଳିତ ଉକ୍ତ ସଭାରେ ଏନଏସଏସ ଅଫିସର ଡ଼. ଯୁବରାଜ ଚୌଧୁରୀ ଓ ଡ଼. ମାଧୁରୀ ପାଢ଼ୀ ଛାତ୍ରୀଛାତ୍ରମାନଙ୍କୁ ଉଦବୋଧନ ଦେଇଥିଲେ। ଡ଼. ଦୁର୍ଯ୍ୟୋଧନ ଜେନା ଜାତୀୟ ସେବା ଯୋଜନାର ଲକ୍ଷ୍ୟ ଓ ଆଭିମୁଖ୍ୟ ବିଷୟରେ ତଥ୍ୟ ପ୍ରଦାନ କରିଥିଲେ। ଉକ୍ତ ସଭାରେ ମହାବିଦ୍ୟାଳୟର ବହୁ ଅଧାପିକା, ଅଧାପକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ସ୍ୱଚ୍ଛ ଭାରତ ଅଭିଯାନକୁ ସାକାର କରିବାକୁ ବିଭିନ୍ନ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ। ପରେ ମହାବିଦ୍ୟାଳୟ ପରିସରରେ ସଫେଇ କରାଯାଇଥିଲା।

■ ଚିକିତ୍ସାରେ ଅର୍ଥ ବାଧକ ସାଜିଛି

## ଅସ୍ତ୍ରୋପଚାର ପାଇଁ ନାହିଁ ସମ୍ବଳ

ଦାରିଙ୍ଗବାଡ଼ି,୨୭।୯(ଡି.ଏନ.ଏ.)

ଦାରିଙ୍ଗବାଡ଼ି ବ୍ଲକ ତିଲୋରୀ ପଞ୍ଚାୟତ ସାମନବାଡ଼ି ଗ୍ରାମର ଯୁଗଳ କିଶୋର ଦିଗାଳ ମଳକଣ୍ଟକ ରୋଗରେ ପୀଡ଼ିତ । ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଦେଖାଇଥିଲେ ସେ ସୁସ୍ଥତା ଅନୁଭବ କରିପାରିନାହାନ୍ତି । ଅଦ୍ୟାବଧି ଆଉ ଅଧିକା ଚିକିତ୍ସା କରାଇବାରେ ତାଙ୍କର ସମ୍ବଳ ନାହିଁ । ସ୍ଥାନୀୟ ପ୍ରଶାସନ ଠାରୁ ଆରମ୍ଭ କରି ଜିଲା ପ୍ରଶାସନ ସ୍ଥାନୀୟ ବିଧାୟକଙ୍କଠାରୁ ନିଜ ଅଞ୍ଚଳର ଲୋକପ୍ରତିନିଧି ମାନଙ୍କ ଦ୍ୱାରସ୍ଥ ହୋଇ ଏବେ ସେ ନିରାଶ ହୋଇଛନ୍ତି । ଗୁରୁବାର ସେ ଭୁବନେଶ୍ୱରରୁ ଫେରିଛନ୍ତି। ଏଆଇଆଇଏମଏସ( ଅଲ୍ ଇଣ୍ଡିଆ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକଲ୍ ସାଇନ୍ସ) ରେ ଯୁଗଳ ଚିକିତ୍ସା ହେଉଥିଲେ। ସେଠାରେ କିଛି ଦିନ ହେଲା ଚିକିତ୍ସିତ ହେବା ପରେ ଡାକ୍ତର ତାଙ୍କୁ ଅସ୍ତ୍ରୋପଚାର ପାଇଁ ୩୫ ହଜାର ଟଙ୍କାର ଔଷଧ ବାବଦକୁ ଖର୍ଚ୍ଚ ହେବା କଥା କହିଥିଲେ। ବାକି ହସ୍‌ପିଟାଲ ବୁଝିବ ବୋଲି କହିଥିଲେ । ଏତିକିରେ ଯୁଗଳଙ୍କ ମୁଣ୍ଡରେ ଚଡ଼କ ପଡ଼ିଲା। ଗାଁକୁ ଯିବାକୁ ଅପେକ୍ଷା କରିଥିବା ଯୁଗଳ ଏବଂ ତାଙ୍କ ସ୍ତ୍ରୀଙ୍କ ଆଖିରୁ ଲୁହ ଆସୁଥିଲା। କେହି ତାଙ୍କୁ ସାହାଯ୍ୟ କରୁ ନ ଥିବାରୁ ଦୁହେଁ ନିରାଶ ହୋଇଥିଲେ । ଘରେ ତାଙ୍କର ଗୋଟିଏ ପୁଅ ଏବଂ ଝିଅ ରହିଛନ୍ତି। ଯୁଗଳଙ୍କ ସ୍ୱାସ୍ଥ୍ୟ ଖରାପ ହେବା ପରେ ତାଙ୍କର ଆର୍ଥିକ ପରିସ୍ଥିତି ବିଗିଡ଼ି ଗଲା ଫଳରେ ବଡ଼ ପୁଅ ଯୁକ୍ତ ୨ ପଢୁଥିବାବେଳେ ଅଧାରୁ ପାଠପଢ଼ା ଛାଡ଼ିଲେ। ତାଙ୍କର ସ୍ୱପ୍ନ ଅଧୁରା ରହିଲା । ସରକାରଙ୍କ କୁଢ଼ କୁଢ଼ ଯୋଜନା ଥିଲେ ମଧ କୌଣସି ସୁଫଳ ମିଳୁ ନ ଥିବା ଏବଂ ସ୍ୱାସ୍ଥ୍ୟକାର୍ଡ଼ ଥିଲେ ମଧ ଚିକିତ୍ସା ହୋଇପାରି ନ ଥିବା ଯୁଗଳ କହିଛନ୍ତି। ପ୍ରଶାସନ ଆର୍ଥିକ ସହାୟତା ଯୋଗାଇ ଦେବାକୁ ସେ ନିବେଦନ କରଛନ୍ତି ।



ଯୁଗଳ ଏବଂ ତାଙ୍କ ସ୍ତ୍ରୀ ।

## ବୁଗୁଡ଼ା ପଞ୍ଚାୟତ ସମିତି ବୈଠକ

ବୁଗୁଡ଼ା,୨୭।୯(ଡି.ଏନ.ଏ.)

ବୁଗୁଡ଼ା ପଞ୍ଚାୟତ ସମିତି ବୈଠକ ବୁଧବାର ସମିତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧକ୍ଷା ମାମି ସେନାପତି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ଶ୍ରୀକାନ୍ତ ସାହୁ ଯୋଗଦେଇ ବ୍ଲକର ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ବ୍ଲକରେ ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ପଞ୍ଚାୟତ ସରପଞ୍ଚମାନେ ଅଦ୍ୟାବଧି କୌଣସି ପ୍ରକଳ୍ପ ପ୍ରସ୍ତୁତ କରି ନ ଥିବା ଯୋଗୁ ସେପ୍ଟେମ୍ବର ୩୦ ସୁଦ୍ଧା ଏହି ଯୋଜନାରେ ପ୍ରକଳ୍ପ ପ୍ରସ୍ତୁତ କରି ବ୍ଲକ ପ୍ରଶାସନକୁ ଜଣାଇବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ନୂତନକରି ଗଠନ ହୋଇଥିବା କରସିଙ୍ଗି ପଞ୍ଚାୟତ ଲୋକେ ନିଜ ପଞ୍ଚାୟତରେ କୌଣସି ସାମଗ୍ରୀ ପାଇ ନ ପାରି କରଚୁଲି ପଞ୍ଚାୟତକୁ ଯାଉଥିବାରୁ କରସିଙ୍ଗି ପଞ୍ଚାୟତରେ ତୁରନ୍ତ ଗୋଦାମ ନିର୍ମାଣ କରିବାକୁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧକ୍ଷ ଟୁକୁନା ସ୍ୱାଇଁ, ବିଡିଓ ସଞ୍ଜୀବ ରାଜ ସେନାପତି, ଏବିଡିଓ କୈଳାସ ଚନ୍ଦ୍ର ନାୟକ, ସହକାରୀ ଯନ୍ତ୍ରୀ ପ୍ରଦୀପ କୁମାର ପରିଡ଼ା, ଜିପିଇଓ କୃଷ୍ଣଚନ୍ଦ୍ର ସାହୁ, ଚିତ୍ତରଞ୍ଜନ ପାଢ଼ୀ ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକରେ ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଭ୍ୟମାନେ ଯୋଗ ଦେଇଥିଲେ। ବିଡିଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ଏବିଡିଓ ଧନ୍ୟବାଦ ଅର୍ପଣ କରିଥିଲେ।

